# ଅଧ୍ୟାପକଙ୍କ ରକ୍ଷାକବଚ ବାୟୋମେଟ୍ରିକ୍ସ ବ୍ୟବସ୍ଥା

**ଖଇରା,୨୨।୩(ଉତ୍କଳବନ୍ଧୁ ପଣ୍ଡା)**

ରାଜ୍ୟ ସରକାର ସରକାରୀ ତଥା ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ବାୟୋମେଟ୍ରିକ୍ସ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ହେଲେ ଏହି ବାୟୋମେଟ୍ରିକ୍ସ ବା ଅଙ୍ଗୁଠି ଛାପ ନିୟମ କେତେଜଣ ଅଧ୍ୟାପକଙ୍କ ପାଇଁ କଟକଣା ବଦଳରେ ରକ୍ଷାକବଚ ଭଳି କାମ କରୁଛି। ଆସିବା ଓ ପ୍ରସ୍ଥାନ ସମୟର ଅଙ୍ଗୁଳି ଛାପ ମଧ୍ୟରେ ମିଳୁଥିବା ମଧ୍ୟବର୍ତ୍ତୀ ସମୟକୁ ସେମାନେ କଲେଜ ପାଇଁ କମ୍ ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଅଧିକ ଦେଉଛନ୍ତି। ଶିକ୍ଷା ବିଭାଗ ଅଧିକାରୀ ଅଚାନକ ପରିଦର୍ଶନ କରି ଏହାର ସତ୍ୟାସତ୍ୟ ହୃଦୟଙ୍ଗମ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଶିକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ତଥା ଅଧ୍ୟାପକମାନଙ୍କୁ ଘରୋଇ ଟିଉସନରୁ ନିବୃତ୍ତ ରଖିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୨୪ରେ କଲେଜଗୁଡ଼ିକରେ ବାୟୋମେଟ୍ରିକ୍ସ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହି ବ୍ୟବସ୍ଥା ଅନୁଯାୟୀ, ରାଜକୋଷରୁ ଦରମା ନେଉଥିବା ଜଣେ ଅଧ୍ୟାପିକା, ଅଧ୍ୟାପକ କିମ୍ବା କର୍ମଚାରୀ କଲେଜକୁ ଆସିବା ସମୟରେ ଅଙ୍ଗୁଳିଛାପ ଦେଇ ଉପସ୍ଥିତି ଜଣାଇବେ ଏବଂ କଲେଜରୁ ପ୍ରସ୍ଥାନ କରିବା ସମୟରେ ଅଙ୍ଗୁଳିଛାପକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଦରମା ପାଉଥିବା ବ୍ୟକ୍ତି ଅତିକମ୍‌ରେ ୭ଘଣ୍ଟା କଲେଜରେ ରହିବା ସହ ଶ୍ରେଣୀରେ ପିଲାମାନଙ୍କୁ ପାଠପଢ଼ାରେ ଅଧିକ ସମୟ ନିୟୋଜିତ କରିପାରିବେ। ହେଲେ ଏହି ୭ଘଣ୍ଟା ମଧ୍ୟରେ ଅଧ୍ୟାପକମାନେ କେତେ ସମୟ କଲେଜ ପରିସରରେ ଏବଂ କେତେ ସମୟ ଘରୋଇ ଟିଉସନ ବା ଅନ୍ୟାନ୍ୟ ବ୍ୟକ୍ତିଗତ କାମରେ ନିୟୋଜିତ କରୁଛନ୍ତି, ଜିଲା ପ୍ରଶାସନ ତାହାର କୌଣସି ତଦାରଖ କରୁ ନ ଥିବାରୁ ଏହି ବ୍ୟବସ୍ଥାରେ ଶତପ୍ରତିଶତ ସଫଳତା ମିଳିପାରିନାହିଁ।

ଖଇରା ବ୍ଲକରେ ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋଟିଏ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ, ୩ଟି ଡିଗ୍ରୀ ମହାବିଦ୍ୟାଳୟ ଏବଂ ଗୋଟିଏ ସଂସ୍କୃତ ମହାବିଦ୍ୟାଳୟ ରହିଛି। ବିଶେଷ ଭାବେ ବିଜ୍ଞାନ, ବାଣିଜ୍ୟ ଓ କଳା ଥିବା କଲେଜଗୁଡ଼ିକରେ ପ୍ରାୟ ୩୦ଭାଗ ଶିକ୍ଷକ ଘରୋଇ ଟିଉସନ ଆଶାରେ ଠିକ୍ ଭାବେ କ୍ଲାସ ନ ନେଇ ମଧ୍ୟବର୍ତ୍ତୀ ସମୟରେ ଘରୋଇ ଟିଉସନରେ ସମୟ ଅତିବାହିତ କରୁଥିବା ଓ ୨୦ ଭାଗ ଅନ୍ୟାନ୍ୟ ବ୍ୟକ୍ତିଗତ କାର୍ଯ୍ୟରେ ସମୟ ଦେଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅନ୍ୟ କେତେଜଣ ଅଧ୍ୟାପକ ଅଧିକ ଉପାର୍ଜନ ଆଶାରେ ବ୍ୟକ୍ତିଗତ ବା ବ୍ୟବସାୟିକ କାର୍ଯ୍ୟରେ ଜଡ଼ିତ ରହୁଥିବା ଅଭିଯୋଗ ହୋଇଛି। କେବଳ ଅଧ୍ୟାପକ ନୁହଁନ୍ତି ମୋଟା ଅଙ୍କର ଦରମା ପାଉଥିବା ହାଇସ୍କୁଲ ଶିକ୍ଷକମାନଙ୍କୁ ମଧ୍ୟ ଏବେ ଟିଉସନ ନିଶା ଘାରିଛି। ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୨୮ରେ ରାଜ୍ୟ ସର୍ଭିସ ରୁଲରେ ଘରୋଇ ଟିଉସନ ଉପରେ କଟକଣା ରହିଛି ।

**ସେମାନଙ୍କ ମୁହଁରୁ...**

“ ମଝିରେ କେତେଜଣ ଅଧ୍ୟାପକଙ୍କ ନାମରେ ଏଭଳି କିଛି ଅଭିଯୋଗ ତାଙ୍କ କାନରେ ପଡ଼ିବା ପରେ ସେ ସେମାନଙ୍କୁ ତାଗିଦ୍ କରିଥିଲେ। ଏବେ ସେ ଏହି ପ୍ରସଙ୍ଗ ଉପରେ କଡ଼ା ନଜର ରଖିଛନ୍ତି। ଏଭଳି କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ।
**- ଡ. ଲକ୍ଷ୍ମୀକାନ୍ତ ନାୟକ, ଅଧ୍ୟକ୍ଷ, ଖଇରା କଲେଜ।**

“ କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର କୌଣସି ଅଧ୍ୟାପକ ମଧ୍ୟବର୍ତ୍ତୀ ସମୟରେ ଘରୋଇ ଟିଉସନରେ ନିୟୋଜିତ ହୋଇନାହାନ୍ତି। କିଛି ହୁଏତ ମଧ୍ୟାହ୍ନଭୋଜନ କିମ୍ବା ଅନ୍ୟାନ୍ୟ କିଛି କାମ ପାଇଁ ବଜାରକୁ ଯାଇ ସମୟ କଟାଇଥାନ୍ତି।
**- ଯୁଧିଷ୍ଠିର କୁଅଁର, ଭାରପ୍ରାପ୍ତ ଅଧ୍ୟକ୍ଷ, କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ।**

“ ଜମ୍ବେଶ୍ୱର କଲେଜରେ ମାତ୍ର ୭ଜଣ ଅଧ୍ୟାପକ ଓ ଅନ୍ୟ ୭ଜଣ କର୍ମଚାରୀ ଦରମାପ୍ରାପ୍ତ। କେହି ଟିଉସନରେ ନିୟୋଜିତ ନାହାନ୍ତି ବା କଲେଜ ସମୟରେ କେହି ବାହାରେ ସମୟ ଅତିବାହିତ କରି ନ ଥାନ୍ତି ।
**- ରତ୍ନାକର ହାତୀ, ଅଧ୍ୟକ୍ଷ, ଜମ୍ବେଶ୍ୱର କଲେଜ, ଗରସଙ୍ଗ।**

“ ଖୁବ୍‌ଶୀଘ୍ରଅଭିଯୋଗରସତ୍ୟାସତ୍ୟପାଇଁସେକିଛିକଲେଜକୁପରିଦର୍ଶନରେଯିବେ।
**- ଶିବ ମାଲବ୍ୟ, ଉପଜିଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି।**

“ ବିଶେଷ ଭାବେ କଲେଜ ପାଖାପାଖି ଅଞ୍ଚଳ ତଥା ଭଡ଼ାଘରେ ରହୁଥିବା ଅଧ୍ୟାପକମାନେ ଟିଉସନ ଓ ଅନ୍ୟାନ୍ୟ ଘରୋଇ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ପ୍ରଶାସନ ଏଥିପ୍ରତି ସତର୍କ ରହିବା ଉଚିତ୍। **- ଅଭିମନ୍ୟୁ ରାଉଳ,ଅଭିଭାବକ,ଗଣ୍ଡିବେଡ଼।**

# ଲକ୍ଷ୍ମଣନାଥ ଟୋଲ୍ ଗେଟ୍ ନିକଟରେ ନାକା ପଏଣ୍ଟ



ନାକା ପଏଣ୍ଟରେ ଗାଡ଼ି ଯାଞ୍ଚ କରାଯାଉଛି।

## ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ସୀମାରେ ସୁରକ୍ଷା କଡ଼ାକଡ଼ି

**ଜଳେଶ୍ୱର,୨୨।୩(ନବୀନ ସାହୁ)**

ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ହେବାକୁ ଥିବା ନିର୍ବାଚନକୁ ନେଇ ଓଡ଼ିଶା ପୋଲିସ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସୀମା ଦେଇ ଅପରାଧିକ କାର୍ଯ୍ୟକଳାପ ଓ ବେଆଇନ କାରବାର ରୋକିବା ପାଇଁ ଜଳେଶ୍ୱର ନିକଟସ୍ଥ ୬୦ ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ଗେଟ୍‌ଠାରେ ଏକ ସ୍ୱତନ୍ତ୍ର ନାକା ପଏଣ୍ଟ ସ୍ଥାପନ କରାଯାଇଛି।

ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଯାଉଥିବା ସମସ୍ତ ଚାରିଚକିଆ ଯାନଗୁଡ଼ିକୁ ପୋଲିସ ପକ୍ଷରୁ ବ୍ୟାପକ ଯାଞ୍ଚ କରାଯାଉଛି। ବିଶେଷ କରି ସନ୍ଦେହଜନକ ଗାଡ଼ିଗୁଡ଼ିକୁ ଅଟକାଇ ତଲାସି ନିଆଯାଉଛି। ନିର୍ବାଚନ ସମୟରେ ଅର୍ଥ, ମଦ କିମ୍ବା ଅନ୍ୟାନ୍ୟ ବେଆଇନ ସାମଗ୍ରୀର ଚୋରାଚାଲାଣ ଉପରେ ରୋକ୍ ଲଗାଇବା ଏହି ଯାଞ୍ଚର ମୂଳ ଲକ୍ଷ୍ୟ। ନାକା ପଏଣ୍ଟରେ ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ଜଣେ ସବ୍-ଇନ୍ସପେକ୍ଟର, ଦୁଇ ଜଣ ଓଏସ୍ଏଏଫ୍ କର୍ମଚାରୀ, ଜଣେ ମହିଳା ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସୀମାନ୍ତ ଅଞ୍ଚଳ ଦେଇ ଯାଉଥିବା ବେଆଇନ ସାମଗ୍ରୀ ଓ ଅସାମାଜିକ ତତ୍ତ୍ୱଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ଏହି ଯାଞ୍ଚ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ ବୋଲି ଆଶା କରାଯାଉଛି।

# ୪ ବଖରା ଜଳିଗଲା

ସିମୁଳିଆ,୨୨।୩(ସନ୍ତୋଷ ନାୟକ)- ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ଅବଝୁଣା ପଞ୍ଚାୟତ ସୋମନାଥପୁର ସ୍ୱାଇଁସାହିରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୟାଧର ସ୍ୱାଇଁଙ୍କ ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଧାନ, ଚାଉଳ, ସୁନାଗହଣା ସମେତ ୨ ଦିନ ପୂର୍ବରୁ ବ୍ୟାଙ୍କରୁ ଲୋନ ଆଣିଥିବା ୫୦ ହଜାର ଟଙ୍କା ଏବଂ ଧାନ ବିକ୍ରି କରି ରଖିଥିବା ୩୨ ହଜାର ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଅଡ଼ା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ।

# ବିପୁଳ ପରିମାଣର ମଦ ଜବତ, ୪ ଗିରଫ

ନୀଳଗିରି,୨୨।୩(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଅବକାରୀ ସୀମା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବାଲେଶ୍ୱର ଭ୍ରାମ୍ୟମାଣ ୟୁନିଟ୍ ଦ୍ୱାରା ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ ହୋଇଛି। ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଅବକାରୀ ଅଧୀକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଏବଂ ନୀଳଗିରି ଅବକାରୀ ବିଭାଗର ମିଳିତ ଚଢ଼ାଉ ହୋଇଥିଲା। ଚଢ଼ାଉରେ ମିତ୍ରପୁର ଅଞ୍ଚଳର ରାଜେନ୍ଦ୍ର ସିଂ, କୁଅଁରପୁର ମହଲାର ସନ୍ତୋଷ ବେହେରା, ଜାମ୍ବବଣି ଗ୍ରାମର ମୀନତି ସିଂ ଏବଂ ଅଯୋଧ୍ୟା ଗୋପାଳପୁର ଗ୍ରାମର ରୀନା ସିଂଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ୪୩୫ ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ପ୍ରାୟ ୨୭୫୦ଲିଟର ପୋଚ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୪ ହଜାର ୫ଶହ ହେବ ବୋଲି ଜଣାଯାଇଛି। ଚଢ଼ାଉରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟର ହରିହର ସିଂ, ସବ୍‌ଇନ୍ସପେକ୍ଟର ଭବେଶ ଦାସ, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଲମ୍ବୋଦର ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ଅଂଶଗ୍ରହଣ କଲେ ୪୦ ଛାତ୍ରୀଛାତ୍ର

## ଏଫ୍ଏମ୍ୟୁରେ ଅନ୍ତର୍ବିଭାଗୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା



ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅଧିକାରୀଙ୍କ ଗହଣରେ ଛାତ୍ରୀଛାତ୍ର।

**ବାଲେଶ୍ୱର,୨୨।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ବିଭାଗୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଉଦ୍ୟମ ଉଦ୍ଭାବନ କେନ୍ଦ୍ର (ଏଫ୍ଏମ୍ୟୁ-ଟିବିଆଇ) ଦ୍ୱାରା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏଫ୍ଏମ୍ୟୁଟିବିଆଇର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଓ ମୁଖ୍ୟ ପରିଚାଳନା ଅଧିକାରୀ ସୁନେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଏକକ ଓ ସର୍ବାଧିକ ୩ ସଦସ୍ୟ ଦଳଗତ ଭାବେ ନିଜ ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ଦଳ ତାଙ୍କର ଧାରଣାକୁ ବିସ୍ତୃତ ଭାବେ ଉପସ୍ଥାପନା ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପରେ ନ୍ୟାୟାଧୀଶଙ୍କ ସହ ଆଲୋଚନା ହୋଇଥିଲା। ମୂଲ୍ୟାୟନ ସମୟରେ ସମସ୍ୟା ଚିହ୍ନଟ, ପ୍ରସ୍ତାବିତ ସମାଧାନ, ନବୋନ୍ମେଷ, କାର୍ଯ୍ୟକ୍ଷମତା, ବ୍ୟବସାୟିକ ସମ୍ଭାବନା ଓ ସାମାଜିକ-ଆର୍ଥିକ ପ୍ରଭାବ ଭଳି ମୁଖ୍ୟ ବିଷୟଗୁଡ଼ିକୁ ଗୁରୁତ୍ୱ ଦିଆଯାଇଥିଲା। ୩ଟି ଉତ୍କୃଷ୍ଟ ଦଳ ବା ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ଆଗାମୀ ବିଶ୍ୱବିଦ୍ୟାଳୟସ୍ତରୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବାକୁ ଅବସର ଦିଆଯାଇଛି।

### ଅନନ୍ତ ଦାସ ମେମୋରିଆଲ ବ୍ଲୁମିଂ କ୍ରିକେଟ ଲିଗ୍

# ବାଲେଶ୍ୱର ସମ୍ରାଟ କ୍ଲବ୍ ଟାଇଟଲ ବିଜୟୀ

ବାଲେଶ୍ୱର,୨୨।୩(ବାଞ୍ଛାନିଧି ଦେ): ବାଲେଶ୍ୱର ପରମିଟ୍ ପଡ଼ିଆରେ ୟୁ ଆଣ୍ଡ୍ ମି କ୍ଲବ୍ ଆନୁକୂଲ୍ୟରେ ୭ଦିନ ବ୍ୟାପୀ ଚାଲିଥିବା ଅନନ୍ତ ଦାସ ମେମୋରିଆଲ ବ୍ଲୁମିଂ କ୍ରିକେଟ ଲିଗ୍‌ର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ୟୁନାଇଟେଡ୍ କ୍ଲବ୍‌କୁ ୩ ଉଇକେଟ୍‌ରେ ହରାଇ ବାଲେଶ୍ୱର ସମ୍ରାଟ କ୍ଲବ୍ ଟାଇଟଲ ହାସଲ କରିଛି। ୩୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ସୋର ଟିମ୍ ୨୬.୪ ଓଭର ଖେଳି ୧୪୫ ରନ୍‌ରେ ଅଲଆଉଟ୍ ହୋଇଥିଲା। ସୁମନ ଓଝା ସର୍ବାଧିକ ୪୭ ରନ୍ କରିଥିଲେ। ସମ୍ରାଟ କ୍ଲବ୍‌ର ବୋଲର ତନ୍ମୟ ପାଢ଼ୀ ୪ ଓ ମାନସ ପାତ୍ର ୩ ଉଇକେଟ୍ ନେଇଥିଲେ। ସମ୍ରାଟ କ୍ଲବ୍ ୨୯.୪ ଓଭର ଖେଳି ୭ ଉଇକେଟ୍ ବିନିମୟରେ ୧୪୬ ରନ୍ କରି ବିଜୟୀ ହୋଇଥିଲା। ମାନସ ପାତ୍ର ସର୍ବାଧିକ ୫୩ ଓ ଦେବବ୍ରତ ନନ୍ଦୀ ୩୮ ରନ୍ କରିଥିଲେ। ଅମ୍ପାୟର ରାଜୀବ ଲୋଚନ ପାତ୍ର ଓ ଶେଖ୍ ଅମଜିତ୍ ମ୍ୟାଚ୍ ପରିଚାଳନା କରିଥିଲେ। ସମ୍ରାଟ କ୍ଲବ୍‌ର ମାନସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୟୁନାଇଟେଡ୍ କ୍ଲବ୍‌ର ସୁମନ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। କ୍ଲବ୍‌ର ସଭାପତି ସତ୍ୟପଦ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ଜିଲା କ୍ରୀଡ଼ା ସଂଘ କ୍ରିକେଟ ବିଭାଗ ସହସମ୍ପାଦକ ଅଜିତ ପାତ୍ର, ପ୍ରାୟୋଜକ ସଂସ୍ଥାର ଆରଏସ୍ଏମ୍ ମନୋଜ ପାଣି, କ୍ଲବ୍‌ର ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, କୋଷାଧ୍ୟକ୍ଷ ସଞ୍ଜୀବ ସେନାପତି, ବରିଷ୍ଠ ସଦସ୍ୟ ବିଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅମିତ ଅମିତାଭ ମହାକୁଡ଼ କ୍ଲବ୍‌ର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଭ୍ୟୁଦୟ ଦାସ ମଞ୍ଚ ପରିଚାଳନା କରିଥିଲେ।

# ବିଶ୍ୱ ଜଳଦିବସ ପାଳିତ

**ସୋର,୨୨।୩(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ଦହିସଡାଠାରେ ବିଶ୍ୱ ଜଳଦିବସ ଉପଲକ୍ଷେ ସୋର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ଜଳ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗର ନିର୍ବାହୀଯନ୍ତ୍ରୀ ରେବତୀ କଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅନ୍ୟତମ ଅତିଥି ଭାବେ ସୋର ବିଡିଓ ସତ୍ୟନାଥ ନାଏକ, ସୋର ବ୍ଲକ୍ ଅଧ୍ୟକ୍ଷା ଅନୁସୟା ମଲିକ, ଜିଲା ପରିଷଦ ସଦସ୍ୟ ଜୟରାମ ଦାସ, ସୋର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ ଅଧିକାରୀ ଭାଗୀରଥି ଦାସ ପ୍ରମୁଖ ଯୋଗଦେଇ ଜଳର ସଦୁପୋଯୋଗ କରିବା ପାଇଁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ସହାୟକ ଯନ୍ତ୍ରୀ ସଂଯୁକ୍ତା ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

# ବିଧାୟକଙ୍କୁ ସମ୍ବର୍ଦ୍ଧନା



ବିଜେଡି କର୍ମୀ ଓ କାର୍ଯ୍ୟକର୍ତ୍ତାମାନେ ବିଧାୟକ ମାଧବ ଧଡ଼ାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

**ବାହାନଗା,୨୨।୩(ଅରୂପ କୁମାର ଦାସ)**

ବାହାନଗା ବ୍ଲକ୍ ଗୋପାଳପୁର ପଞ୍ଚାୟତ ତରଫରୁ ଗୋପାଳପୁର ବଜାରରେ ସୋର ବିଜେଡି ବିଧାୟକ ମାଧବ ଧଡ଼ାଙ୍କୁ ଶନିବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଧାୟକ ଧଡ଼ା ରାଜ୍ୟସଭା ନିର୍ବାଚନରେ ଦଳ ପ୍ରତି ଆନୁଗତ୍ୟ ଦେଖାଇ ଶାସକ ଦଳର ଘୋଡ଼ା ବେପାରକୁ ଖାତିରି ନ କରି ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶ ଅନୁଯାୟୀ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବାରୁ ବାହାନଗା ବ୍ଲକ୍ ବିଜେଡି ନେତା, କର୍ମୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍ ସଭାପତି ପ୍ରଦୀପ ଜେନା, ୧୮ନଂ. ଜୋନ ଜିଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ୧୭ନଂ. ଜୋନ ଜିଲା ପରିଷଦ ସଭ୍ୟା ବିନପ୍ରଭା ଶିଅଳ, ୨୦ନଂ. ଜୋନ ଜିଲାପରିଷଦ ସଭ୍ୟ ଶିଶିର ଅଗସ୍ତି, ଅଶ୍ୱିନୀ ମହାପାତ୍ର, ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ଗିରିଶ ଚନ୍ଦ୍ର ଦାଶ, ତପନ ରାଉତ ପ୍ରମୁଖ ଉପସ୍ଥିତ ହୋଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# କଳାକାର ସଂସ୍କୃତିର ଆଧାର

## କଳାକାର ସଂଘର ବାର୍ଷିକ ଉତ୍ସବ

**ଭୋଗରାଇ, ୨୨।୩ ( ପ୍ରଦୀପ ଦାସ )**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ବନାସାଣ ( ମଟେଇବାଡ଼- ତେଘରୀ) ପୂଜାମଣ୍ଡପଠାରେ ରବିବାର ଜିଲା କଳାକାର ସଂଘ ଭୋଗରାଇ ଶାଖା ପକ୍ଷରୁ ୪ ଦିନିଆ ୯ମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କଳାକାର ସଂଘର ଉପଦେଷ୍ଟା ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତାଭାବେ କମର୍ଦ୍ଦା ମହାବିଦ୍ୟାଳୟର ଅଧ୍ୟାପକ ବଂଶୀଧର ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଜୟ ଜେନା ପ୍ରମୁଖ ଯୋଗଦେଇ କଳାକାର ଆଧୁନିକ ସଭ୍ୟତା ଓ ଉଚ୍ଚ ସଂସ୍କୃତିର ଆଧାର ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭୋଗରାଇର ୩୬ ଜଣ ବିଶିଷ୍ଟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ଚକ୍ରଧର ପାତ୍ର ଧନ୍ୟବାଦ ଦେଇଥିଲେ। କଳାକାର ସଂଘର ଭୋଗରାଇ ଶାଖା ସଭାପତି ସୁନୀଲ ଜେନା, ସମ୍ପାଦକ ବିଷ୍ଣୁପଦ ପଟ୍ଟନାୟକ, ଉପଦେଷ୍ଟା ଭୁବନ ଚନ୍ଦ୍ର ପାତ୍ର, ଶିବଶଙ୍କର ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଗୌତମ ବୁଦ୍ଧ ଦାସ, ମୁଖ୍ୟ ବକ୍ତାଭାବେ ଜିଲାପରିଷଦ ସଦସ୍ୟ ସନ୍ତୋଷ ଜେନା, ସମ୍ମାନିତ ଅତିଥିଭାବେ ପଶ୍ଚିମ ଓଡ଼ିଶା ଲୋକକଳା ପୁନଃଉଦ୍ଧାର ପରିଷଦ ଓ ରାଜ୍ୟ ସମନ୍ୱୟ ସଭାପତି ଅମୀୟ ପଟେଲ, ସମ୍ପାଦକ ମୀନକେତନ ପ୍ରଧାନ, ବଲାଙ୍ଗୀର ଯୁବପରିଷଦର ସଭାପତି ନାରାୟଣ ବାରିକ, ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ସରପଞ୍ଚ ସରସ୍ୱତୀ କରଣ, ସମିତି ସଦସ୍ୟ ସନ୍ଧ୍ୟାରାଣୀ ଜେନା, ପୂର୍ବତନ ରାଷ୍ଟ୍ରୀୟ ଗୌରବ ସରପଞ୍ଚ ରମାକାନ୍ତ କରଣ ପ୍ରମୁଖ ଯୋଗଦେଇଥିଲେ।

# ଗରା, ବାଲ୍‌ଟି ରଖି ରାସ୍ତାରେ ବସିଲେ ମହିଳା

## ଆଡ଼ିଆଖୁଣ୍ଟାରେ ପିଇବା ପାଣି ସମସ୍ୟା

**ନୀଳଗିରି,୨୨।୩(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ନରସିଂହପୁର ପଞ୍ଚାୟତ ଆଡ଼ିଆଖୁଣ୍ଟା ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଯାଇଛି। ଫଳରେ ଲୋକେ ରାନ୍ଧିବା ଓ ପିଇବା ପାଇଁ ପାଣି ନିମନ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମାଧାନ ହୋଇ ନ ଥିବାରୁ ଆଡ଼ିଆଖୁଣ୍ଟା ଛକ ନିକଟରେ ରବିବାର ଶତାଧିକ ମହିଳା ଗରା, ବାଲ୍‌ଟି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା।

ସୂଚନା ଅନୁଯାୟୀ, ନୀଳଗିରିର ଗ୍ରାମାଞ୍ଚଳବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ୨୦୨୨ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ୧୭୨କୋଟି ବ୍ୟୟବରାଦ ହୋଇଛି। ଅନୁଦାନରେ ସୋନନଦୀ ଉପରେ ବ୍ୟାରେଜ କରି ବ୍ଲକ୍‌ର ୨୦ ଗୋଟି ପଞ୍ଚାୟତକୁ ପାନୀୟଜଳ ପାଇଁ କଲିକତା 'କୁବେର' ନାମକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଜାରି ରହିଛି। ଗ୍ରୀଷ୍ମ ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଆଡ଼ିଆଖୁଣ୍ଟା ଗ୍ରାମରେ ପାଣି ସମସ୍ୟା ଉତ୍କଟ ହେଲାଣି। ଗାଁ ମେଗା ଯୋଜନାରେ ପାନୀୟଜଳ ଯୋଗାଣ ହେଉ ନ ଥିବାରୁ ମହିଳାମାନେ ବଇଁଆରୁ ମାଟିଆଳି, ନରଣପୁରକୁ ସଂଯୋଗ ରାସ୍ତାର ଆଡ଼ିଆଖୁଣ୍ଟା ଛକରେ ଗରା, ବାଲଟି ରଖି ରାସ୍ତା ଅବରୋଧ କରିଥିଲେ। ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଠିକାସଂସ୍ଥା କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।



ଗରା, ବାଲ୍‌ଟି ରଖି ରାଜରାସ୍ତାରେ ମହିଳା।

# ଶକ୍ତି ପ୍ରଦର୍ଶନ କଲେ ବିଧାୟିକା ସୁବାସିନୀ

## ବିଜେଡି ଛାଡ଼ିଲେ ଆଗଧାଡ଼ିର ନେତା, କର୍ମୀ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ରାଜଶ୍ରୀ ପାଣିଗ୍ରାହୀ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ),୨୨।୩**

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଶନିବାର ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏହି ଘଟଣାକୁ ନେଇ ବସ୍ତା ନିର୍ବାଚନମଣ୍ଡଳୀ ରାଜନୀତି ସରଗରମ ରହିଛି। ବିଧାୟିକାଙ୍କ ନିଲମ୍ବନକୁ ବିରୋଧ କରି ବହୁ ଆଗଧାଡ଼ିର ନେତା ଓ କର୍ମୀ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ରବିବାର ବିଧାୟିକା ଜେନା ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ନିଜ ସମର୍ଥକ ଓ କର୍ମୀଙ୍କୁ ନେଇ ଆୟୋଜିତ ବୈଠକରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଲଙ୍ଗଳେଶ୍ୱରଠାରେ ପହଞ୍ଚିବା ପରେ ବହୁ ସମର୍ଥକ ବିଧାୟିକାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ତାଙ୍କୁ ସଭାସ୍ଥଳୀକୁ ପାଛୋଟି ନିଆଯାଇଥିଲା। 'ମୁଁ ଆପଣମାନଙ୍କର ସେବିକା'। ଗୋଟିଏ ବ୍ରତ କରି ଘରୁ ଆସିଛି ଯେ, କେବଳ ଆପଣମାନଙ୍କର ବା ମୋ ପ୍ରିୟ ବସ୍ତା-ବାଲିଆପାଳବାସୀଙ୍କ ସେବା କରିବି'। ରାଜ୍ୟ ସଭା ନିର୍ବାଚନରେ ତାଙ୍କର ଗୋଟିଏ ଭୋଟ୍ ଦଳୀୟ ପ୍ରାର୍ଥୀଙ୍କୁ ଯାଇଥିବା ବେଳେ ଅନ୍ୟଟି ବିଜୁ ବାବୁଙ୍କର ଅତି ଆପଣାର ଓ ନିଜର ପୁଅ ଭଳି ସ୍ୱାଧୀନ ପ୍ରାର୍ଥୀଙ୍କୁ ବିବେକାନୁମୋଦିତ ଭୋଟ୍ ସେ ଦେଇଛନ୍ତି। ବସ୍ତା-ବାଲିଆପାଳର ସର୍ବାଙ୍ଗୀନ ବିକାଶ ତାଙ୍କର ଲକ୍ଷ୍ୟ। ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ, ତାହା ଚେଷ୍ଟା କରିବେ ବୋଲି ବିଧାୟିକା ଉଦ୍‌ବୋଧନ ଦେଇଥିଲେ। ଏଥିସହ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବସ୍ତା ନିର୍ବାଚନମଣ୍ଡଳୀକୁ ୩ କୋଟି ଟଙ୍କାର ପ୍ରକଳ୍ପ ଦେଇଛନ୍ତି। ଏହି ଅନୁଦାନ ବସ୍ତା ନିର୍ବାଚନମଣ୍ଡଳୀ ବିକାଶରେ ସହାୟକ ହୋଇପାରିବ ବୋଲି ବିଧାୟିକା କହିଥିଲେ।



ସମର୍ଥକଙ୍କ ଗହଣରେ ବସ୍ତା ବିଧାୟିକା ସୁବାସିନୀ ଜେନା।

ବିଧାୟିକାଙ୍କ ନିଲମ୍ବନକୁ ବିରୋଧ କରି ଆଗଧାଡ଼ିର ବହୁ ନେତା ଓ କର୍ମୀ ଶନିବାରଠାରୁ ବିଜେଡି ଛାଡ଼ିବାରେ ଲାଗିଛନ୍ତି। ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ବ୍ଲକ ସଭାପତି ଦଳରୁ ଇସ୍ତଫା ଦେଇ ବିଧାୟିକାଙ୍କ ସହ ରହିଥିବା ପ୍ରମାଣ ଦେଇଛନ୍ତି। ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ ମହାନ୍ତି, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୧ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା କାଞ୍ଚନ ଜେନା, ୧୭ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ସୁଜାତାରାଣୀ ଦଣ୍ଡପାଟ, ବସ୍ତା ବିଜେଡି ମହିଳା ସଭାପତି ଲିପିକା ରାଉଳ, ବାଲିଆପାଳ ବିଜେଡି ମହିଳା ସଭାପତି କସ୍ତୁରୀବାଳା ପାତ୍ର, ବାଲେଶ୍ୱର ଜିଲା ଉପସଭାପତି ସୁବ୍ରତ ପଣ୍ଡା, ଗଡ଼ପଦା ପଞ୍ଚାୟତ ସଭାପତି ନାରାୟଣ ନାୟକ, ବରୁଣଗଡ଼ିଆ ପଞ୍ଚାୟତ ସଭାପତି କୁନା ରାଉତ, କୁଡ଼ିଆ ସରପଞ୍ଚ ଗୌରାଙ୍ଗ ବେହେରାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଏବଂ ଛାତ୍ର ସଭାପତି ବିଜେଡିରୁ ଇସ୍ତଫା ଦେଇଛନ୍ତି।

## ସଂକ୍ଷେପରେ

### ୧୨ ଦିନ ହେଲା ଯୁବକ ନିଖୋଜ

ପାଟଣା,୨୨।୩(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ଟାଙ୍ଗରପଡ଼ା ପଞ୍ଚାୟତ ବାଲିବନ୍ଧ ଗ୍ରାମର ଅନାମ ବିନ୍ଧାଣିଙ୍କ ପୁଅ ଅଭିଷେକ ଲୋହାର (୨୩) ୧୨ ଦିନ ହେବ ନିଖୋଜ ଅଛନ୍ତି। ସେ ଗତ ୧୧ ତାରିଖରେ ଟାଙ୍ଗରପଡା ଛକକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ଘର ଲୋକେ ବହୁ ଖୋଜାଖୋଜି କରି ନ ପାଇ ପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାନସିକ ବିକୃତ ଥିବା ପରିବାର ଲୋକଙ୍କ ପକ୍ଷରୁ କୁହାଯାଇଛି।

### ହୃଦ୍‌ଘାତରେ ଟାଟା ପାୱାର କର୍ମଚାରୀଙ୍କ ମୃତ୍ୟୁ

ପାଟଣା,୨୨।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ଢୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ଼ ଝାରବେଡ଼ାରେ ଥିବା ଟାଟା ପାୱାରର ବୃତ୍ତିମୂଳକ ପ୍ରଶିକ୍ଷଣ କେନ୍ଦ୍ରର ସଂଯୋଜକଙ୍କ ହୃଦ୍‌ଘାତରେ ଶନିବାର ମୃତ୍ୟୁ ଘଟିଛି। ମୃତକ କଟକ ଜିଲା ବାଙ୍କୀ ଅଞ୍ଚଳର ଗୋପାଳ ଚନ୍ଦ୍ର ବେହେରା(୫୭)। ସେ ପ୍ରଶିକ୍ଷଣ କେନ୍ଦ୍ରରେ ଥିବା ଘରେ ଶୋଇଥିବା ସମୟରେ ହୃଦ୍‌ଘାତ ହୋଇଥିଲା। ରବିବାର ସହକର୍ମୀ ଦେଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ମୃତ୍ୟୁରେ ଢୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟର ଏସ୍‌ଡିଓ ଯନ୍ତ୍ରୀଙ୍କ ସହ ବିଭାଗୀୟ କର୍ମଚାରୀ ଗଭୀର ଶୋକ ପ୍ରକାଶ ପାଇଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଛୁରାମାଡ଼

ବଡ଼ବିଲ,୨୨।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଚଟେଇହଟିଂ ନିକଟ ଛକରେ ଶନିବାର ରାତି ପ୍ରାୟ ୮ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୁରଜ ବାହାଦୁର ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ମୋଟୁ ଗୋପଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।
ସୂଚନା ଅନୁଯାୟୀ, ବଡ଼ବିଲ ଥାନା ଚଟେଇହଟିଂ ଅଞ୍ଚଳରେ ରହୁଥିବା ସୁରଜ ନିକଟସ୍ଥ ଛକକୁ କୌଣସି କାମରେ ଯାଇଥିଲେ। ସେହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ସେହି ଅଞ୍ଚଳର ମୋଟୁ ହଠାତ୍ ତାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଛୁରିମାଡ଼ରେ ସୁରଜଙ୍କ ଛାତି, ପିଠି, କାନ୍ଧ ଆଦିରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସୁରଜଙ୍କୁ ପ୍ରଥମେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ତେବେ ସୁରଜ ଏବଂ ମୋଟୁଙ୍କ ମଧ୍ୟରେ ପୂର୍ବରୁ କୌଣସି ଶତ୍ରୁତା ରହିଥିବା ପୋଲିସ ସନ୍ଦେହ କରୁଛି।

### ମେଗା ସ୍ୱାସ୍ଥ୍ୟ ଶିବିର ନେଇ ପ୍ରସ୍ତୁତି

ଆନନ୍ଦପୁର,୨୨।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଅଳତି ଶିଶୁମନ୍ଦିର ପରିସରରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅପ୍ରେଲ ୪ ତାରିଖ ଦିନ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ। ମେଗା ସ୍ୱାସ୍ଥ୍ୟ ଶିବିରରେ ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମେଡ଼ିସିନ, ଶିଶୁରୋଗ, ଅସ୍ଥିଶଲ୍ୟ, ସ୍ତ୍ରୀରୋଗ, ଦାନ୍ତ, ଚକ୍ଷୁ, କିଡ୍‌ନୀ, ହୃଦ୍‌ରୋଗ ଭଳି ଅନେକ ବିଭାଗର ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ବିନାମୂଲ୍ୟରେ ଔଷଧ ଯୋଗାଇଦେବା ସହ ଗୁରୁତର ରୋଗୀଙ୍କୁ ଉନ୍ନତର ଚିକିତ୍ସା ଯୋଗାଇଦେବାକୁ ଲକ୍ଷ ରଖାଯାଇଛି। ଏ ନେଇ ରବିବାର ଅଳତି ଶିଶୁ ମନ୍ଦିରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଫାଉଣ୍ଡେସନର ପ୍ରତିଷ୍ଠାତା ଡ.ବିପିନ ବିହାରୀ ମିଶ୍ର ଆଭାଷୀ ମାଧ୍ୟମରେ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଫାଉଣ୍ଡେସନର ଓଡିଶା ପ୍ରଭାରୀ ରବିନ୍ଦ୍ରନାଥ ରାଉତରାୟ, ସହଯୋଗୀ ସଦସ୍ୟ ପ୍ରିୟଦର୍ଶନ ମହାପାତ୍ର, ସ୍ଥାନୀୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ଟ୍ରଷ୍ଟି ଡ. ରତିକାନ୍ତ ବରାଳ, ସ୍ୱାସ୍ଥ୍ୟକର୍ମୀ ପ୍ରଶନ୍ନ ପଣ୍ଡାଙ୍କ ସମେତ ସ୍ଥାନୀୟ ସତ୍ୟସାଇ ସେବା ସଂଗଠନ, ଗାୟତ୍ରୀ ପରିବାର ଏବଂ ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

# ଶ୍ରୀହୀନ ହେଉଛି କାଞ୍ଚିପାଣି ଘାଟି

- ପୋଡୁଚାଷ ପାଇଁ ଜଙ୍ଗଲ ପଦା
- ବିପଦରେ ଜଙ୍ଗଲ, ବନ୍ୟପ୍ରାଣୀ

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ କାଞ୍ଚିପାଣି ସେକ୍ସନରେ ବେଧଡ଼କ ଗଛକଟା ଚାଲିଛି। ପ୍ରାକୃତିକ ଜଙ୍ଗଲ ପରିବେଷ୍ଟିତ ଘାଟି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଛି। ମାତ୍ର ପୋଡୁଚାଷ ପାଇଁ ଜଙ୍ଗଲ ପଦା ହୋଇ ଶ୍ରୀହୀନ ହୋଇଗଲାଣି। ବ୍ୟାପକ ଜଙ୍ଗଲକଟା ପରିବେଶବିତ୍‌ଙ୍କୁ ବ୍ୟଥିତ କରିବା ସହ ଆସୁଥିବା ପର୍ଯ୍ୟଟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି।
ପ୍ରକାଶ ଯେ, କାଞ୍ଚିପାଣି ଥାନାଠାରୁ ତେଲକୋଇ ଯିବା ରାସ୍ତାରେ ୧ କି.ମି. ଦୂରରେ ରାସ୍ତା ପାର୍ଶ୍ୱରେ ଅନେକ ଏକର ପରିମିତ ଜଙ୍ଗଲ ପୋଡୁଚାଷ ପାଇଁ ପଦା ହେଉଛି। ଜଙ୍ଗଲ ପଦା ହେଉଥିବାରୁ ମାଙ୍କଡ଼ ରାସ୍ତା ଉପରକୁ ଚାଲିଆସୁଥିବା ବେଳେ ବିଭିନ୍ନ ପ୍ରଜାତିର ବିରଳ ପକ୍ଷୀ ବାସହରା ହୋଇ ପଳାୟନ କରୁଛନ୍ତି। କେତେକ ଅଞ୍ଚଳରେ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଥିବାରୁ ବହୁ ଔଷଧୀୟ ବୃକ୍ଷ, ଗୁଳ୍ମ ନଷ୍ଟ ହେବା ସହ ବନ୍ୟପ୍ରାଣୀ, ସରୀସୃପ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷକରି ଖରା ଦିନରେ ଏଭଳି ଗଛ କଟାଯିବା ଫଳରେ ଉକ୍ତ ଅଞ୍ଚଳ ଶ୍ରୀହୀନ ହୋଇପଡୁଛି। ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ସାମାଜିକ କର୍ମୀ ବୀରବର ନାୟକ ଓ ଅନ୍ୟମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତାରେ ବନ ବିଭାଗ ପର୍ଯ୍ୟଟକଙ୍କ ପାଇଁ ପ୍ରାୟ ୮ କୋଟି ବ୍ୟୟରେ ପରିବେଶ ପର୍ଯ୍ୟଟନ କେନ୍ଦ୍ର କରୁଛି। ପର୍ଯ୍ୟଟକ ଆସି ଏଠାରେ ରହି ଜଙ୍ଗଲ, ପାହାଡ଼ ଓ ପରିବେଶକୁ ଉପଭୋଗ କରିପାରିବେ। କାଞ୍ଚିପାଣି ଘାଟିର ଦୁଇ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଓ ପାହାଡ଼ ପ୍ରକୃତିପ୍ରେମୀଙ୍କୁ ଭିନ୍ନ ଅନୁଭୂତି ଦେଇଥାଏ। ଘାଟି ଉପରୁ ତଳକୁ ପାଖାପାଖି ୫ଶହ ଫୁଟର ଖାଲ ଦେଖିଲେ ରୋମାଞ୍ଚକର ଲାଗେ। ମାତ୍ର ଯଦି ପୋଡୁଚାଷ ପାଇଁ ଏଭଳି ଜଙ୍ଗଲ ନଷ୍ଟ ହେବ କାଞ୍ଚିପାଣି ଘାଟି ତାର ସୌନ୍ଦର୍ଯ୍ୟ ହରାଇବ। ବାଂଶପାଳ, ତେଲକୋଇ ବ୍ଲକ୍‌ର ବିଭିନ୍ନ ପାହାଡ଼ିଆ ଅଞ୍ଚଳରେ ଜୁଆଙ୍ଗ ସମ୍ପ୍ରଦାୟର ଲୋକ ପୋଡୁଚାଷ କରିଥାନ୍ତି। ସେହିପରି ଉକ୍ତ ଭୂୟାଁ ଜୁଆଙ୍ଗପୀଢ ରେଞ୍ଜର କାଞ୍ଚିପାଣି, ବରଗୋଡ଼ା, ଗୋନାସିକା, ରାକମ ଅଞ୍ଚଳରେ ବହୁ ଜଙ୍ଗଲ ପୋଡୁଚାଷ ପାଇଁ ଗଛ କାଟି କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ବିଶେଷ କରି ବାଂଶପାଳ ବ୍ଲକ୍‌ରେ କାଞ୍ଚିପାଣିରୁ ତେଲକୋଇକୁ ଯିବା ରାସ୍ତାରେ ପଣସନସା, ହଳଦୀ ପାଣି, ଉପର ପଣସନସା ଆଦି ଅଞ୍ଚଳରେ ମଧ୍ୟ ଏଭଳି ଜଙ୍ଗଲ ପୋଡ଼ି ଓ କାଟି ପଦା କରାଯାଉଛି। ଲୋକଙ୍କୁ ସଚେତନ କିମ୍ବା ବିକଳ୍ପ ରୋଜଗାର ବ୍ୟବସ୍ଥା କରାଯାଉ ନ ଥିବାରୁ ଏଭଳି ଜଙ୍ଗଲ ପଦା ହେଉଥିବା ପରିବେଶବିତ୍ ଦୁଷ୍କର ବାରିକ କହିଛନ୍ତି। କାଞ୍ଚିପାଣିଠାରୁ ତେଲକୋଇ ରାସ୍ତା ପାର୍ଶ୍ୱରେ ପୋଡୁଚାଷ ପାଇଁ ଗଛକଟା ଚାଲିଥିଲେ ହେଁ ବନ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ସାମାଜିକ କର୍ମୀ ନିର୍ମଳ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ କହିଛନ୍ତି, ଜଙ୍ଗଲ ନ କାଟିବାକୁ, ନିଆଁ ନ ଲଗାଇବାକୁ ସଚେତନ କରାଯାଉଛି। ଅନେକ ସମୟରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଛି।


ରାସ୍ତାଗଡ଼ ଜଙ୍ଗଲରୁ ଗଛ କଟାଯାଇଛି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର


ଶିବିରରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ବଞ୍ଚୋ,୨୨।୩(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଗବାନପୁର ନଗର ମଣ୍ଡଳରେ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, ଆନନ୍ଦପୁର ମ୍ୟୁନିସିପାଲିଟିରେ ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ଭାଜପା ଜିଲା ଉପ ସଭାପତି ଅସିମା ମିଶ୍ର, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ସେଠୀ, ଅଶ୍ୱିନୀ ମହାନ୍ତ, ଅମରବର ଖଟୁଆ ପ୍ରମୁଖ ୭ଟି ସତ୍ରରେ ସଂଗଠନ ବିଷୟ ଉପରେ ବିସ୍ତାରିତ ଭାବେ ପ୍ରଶିକ୍ଷଣ ଦେଇଥିଲେ। ୧୧୫ ଜଣ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ନିରାକାର ଦଲେଇ, ପ୍ରଶାନ୍ତ ମହାପାତ୍ର, ଶାନ୍ତନୁ ସେଠୀ, ସୁରେଶ ସାହୁ, ମାନସ ରଞ୍ଜନ ସାହୁ, ନାରାୟଣ ବାରିକ, ସନତ କର, ବନମାଳୀ ସେଠୀ, ବାଇଧର ସାହୁ, କନକ ଲତା ଦାସ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ସାହୁ ଶିବିରରେ ଭାଜପା ଇତିହାସ ଓ ବିକାଶ ଉପରେ ଆଲୋଚନା କରିଥିଲେ।

## ବିଶ୍ୱ ବନୀକରଣ ଦିବସରେ ବନରକ୍ଷୀ ସମ୍ମାନିତ

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)



ବିଶ୍ୱ ବନୀକରଣ ଦିବସ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲାର ବନରକ୍ଷୀ ରଶ୍ମିତା ସାହାଙ୍କୁ ରାଜ୍ୟ ବନୀକରଣ ପୁରସ୍କାର ପ୍ରଦାନ କରିଛନ୍ତି। ସେ ବର୍ତ୍ତମାନ ତେଲକୋଇ ରେଞ୍ଜ ବିମଳା ସେକ୍ସନରେ ବିମଳା ବିଟ୍ ଗାର୍ଡ ଭାବରେ ନିଯୁକ୍ତ ଅଛନ୍ତି। ଅଗ୍ନି ପରିଚାଳନା, ହାତୀ ପରିଚାଳନା, ମଣିଷ ହାତୀ ସଂଘର୍ଷ ହ୍ରାସ ଏବଂ ଉତ୍ତମ ବନ ପରିଚାଳନା ପାଇଁ ସାଧାରଣ ସମନ୍ୱୟରେ ଭଲ କାର୍ଯ୍ୟ କରିଥିଲେ।

# ଟାଙ୍ଗରପଡ଼ାରେ ବିଶ୍ୱ ଜଳ ଦିବସ



ସ୍ୱେଚ୍ଛାସେବୀ ଅନୁଷ୍ଠାର ସଦସ୍ୟମାନେ।

ପାଟଣା,୨୨।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଟାଙ୍ଗରପଡ଼ା ପଞ୍ଚାୟତ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନ ସଂସ୍ଥା ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଛି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଳାଷ ରଞ୍ଜନ ରାଜଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥିଭାବେ ପ୍ରଦାନ ସ୍ୱେଚ୍ଛାସେବୀ ସଂଗଠନ ବ୍ଲକ୍ ସଂଯୋଜକ କାର୍ତ୍ତିକ କୁମାର ଦାସ ଯୋଗଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜଳ ସମ୍ପର୍କିତ ବିଭିନ୍ନ ଯୋଜନା ଏବଂ ଯୋଜନାଗୁଡ଼ିକୁ କିପରି ଗ୍ରାମ ଉନ୍ନୟନରେ ଅନ୍ତର୍ଭୁକ୍ତ କରିହେବ, ସେ ବିଷୟରେ ଆଲୋଚିତ ହୋଇଥିଲା। ଏଥି ସହ ବିଶ୍ୱ ଜଳ ଦିବସ ୨୦୨୬ର ବିଷୟ 'ଜଳ ଉତ୍ସ ସମସ୍ତଙ୍କ ସମାନ ଅଧିକାର' ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଟାଙ୍ଗରପଡ଼ା ପଞ୍ଚାୟତ ଏମ୍‌ବିକେ. ଖୁଲଣା ନାୟକ ଓ ପଞ୍ଚାୟତ ଏଡିଓ ଜ୍ୟୋତ୍ସ୍ନା ମହାନ୍ତ ମିଳିତଭାବେ ପରିଚାଳନା କରିଥିଲେ। ପ୍ରଦାନ ସଂସ୍ଥାର ସହାୟକ କର୍ମୀ ତ୍ରିଲୋଚନ ବାରିକ ଓ ପ୍ରଦୀପ ନାୟକ ସହଯୋଗ କରିଥିଲେ।

## ଭାଗବତ ଟୁଙ୍ଗି ଉନ୍ମୋଚିତ

କେନ୍ଦୁଝର,୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ କାଶିପାଳରେ ରବିବାର ଏକ ଭାଗବତ ଟୁଙ୍ଗି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥିରୂପେ ଜିଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ, ମୁଖ୍ୟ ବକ୍ତା ଜିଲା ଭାଗବତ ପ୍ରଚାର ପ୍ରସାର ସମ୍ପାଦକ ଜଗନ୍ନାଥ ଜେନା, ସମ୍ମାନିତ ଅତିଥିରୂପେ ସଦର ବ୍ଲକ୍ ସଭାପତି ପ୍ରସନ୍ନ ଦାସ, ଝୁମ୍ପୁରା ବ୍ଲକ୍ ସଭାପତି ନେତ୍ରାନନ୍ଦ ମହାରଣା ଓ କେନ୍ଦୁଝର ଗଡ଼ ପୌରାଞ୍ଚଳ ସମ୍ପାଦକ ଅକ୍ଷୟ ଦାସ, ଚମ୍ପୁଆ ବ୍ଲକ୍ ଉପଦେଷ୍ଟା ସୁମନ୍ତ ଗିରି ଯୋଗଦେଇଥିଲେ। ଆଚାର୍ଯ୍ୟ ଦାଶରଥି ପ୍ରଧାନ, ପାରେଶ୍ୱର ବେହେରା ଓ ମୁଖ୍ୟ କର୍ତ୍ତା କୌତୁକ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ଆଦ୍ରୀ ପ୍ରଧାନଙ୍କ ସହଯୋଗରେ ଗାଦି ପୂଜାର୍ଚ୍ଚନା ହୋଇଥିଲା।

## ଜ୍ୟୋତିଷ ବିଶାରଦଙ୍କ ସ୍ମୃତିରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର,୨୨।୩(ଦୀପକ ମିଶ୍ର): କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଘୁଙ୍ଗୁରୁ କ୍ଲବ ପୁରୁଣାବଜାର ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଘୁଙ୍ଗୁରୁ କ୍ଲବ୍ ପୁରୁଣାବଜାରଠାରେ ଜ୍ୟୋତିଷ ବିଶାରଦଙ୍କ ସ୍ମୃତିରେ ଏକ ଦିବସୀୟ ଆଞ୍ଚଳିକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ହେଲପେଜ ଇଣ୍ଡିଆ ଏବଂ ଉଇୟର ମିନରାଲର ସହାୟତାରେ ଆୟୋଜିତ ଚକ୍ଷୁଶିବିରକୁ ଭୂମିକା ଅନୁଷ୍ଠାନର ଭାଇସ ଚେୟାରମ୍ୟାନ ଡ. ବିଶ୍ୱଜିତ ମହାନ୍ତି, ଭୂମିକା ଓଡ଼ିଶାର ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ଉପଦେଷ୍ଟା ଭକ୍ତ ବତ୍ସଳ ମହାନ୍ତି, ଘୁଙ୍ଗୁରୁ କ୍ଲବ୍‌ର ଉପସଭାପତି ମାନସ ଜେନା ଉଦ୍‌ଘାଟନ କରିଥିଲେ। ୧୦୨ ଜଣ ବରିଷ୍ଠ ନାଗରିକ ଚକ୍ଷୁ ପରୀକ୍ଷା କରିଥିଲେ। ୨୨ ଜଣ ରୋଗୀଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଥିଲା। ଘୁଙ୍ଗୁରୁ କ୍ଲବ୍‌ର ସମ୍ପାଦକ ସନ୍ତୋଷ ଦାସ, ଦେବାଶିଷ ମିଶ୍ର, କାଉନ୍‌ସିଲର ଶରତ ସାହୁ, ଯୁବ ସ୍ୱେଚ୍ଛାସେବୀ ବିନୋଦ ବିହାରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ନିର୍ଯାତନା

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ

ଯୋଡା,୨୨।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଡିଏମ୍‌ଏଫ ଦ୍ୱାରା ପରିଚାଳିତ ଯୋଡ଼ା ବୃଦ୍ଧାଶ୍ରମରେ ମହିଳା କର୍ମୀ ଜଣେ ଅନ୍ତେବାସୀଙ୍କୁ ନିର୍ଯାତନା ଅଭିଯୋଗ ହୋଇଛି। ଏଥିସହ ଖବର ସଂଗ୍ରହ ପାଇଁ ଯାଇଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି।
ସୂଚନା ଅନୁସାରେ, ଯୋଡ଼ା ବୃଦ୍ଧାଶ୍ରମର ଜଣେ ମହିଳା ଶନିବାର ରାତିରେ ଜଣେ ଅନ୍ତେବାସୀ ବୃଦ୍ଧଙ୍କୁ ତଣ୍ଟିଆ ମାରି ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବାପରେ ଗଣମାଧ୍ୟମର ପ୍ରତିନିଧି ଖବର ସଂଗ୍ରହପାଇଁ ବୃଦ୍ଧାଶ୍ରମକୁ ଯାଇଥିଲେ। ଅନ୍ତେବାସୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ସମ୍ପର୍କରେ ପ୍ରତିକ୍ରିୟା ନେବା ସମୟରେ ମହିଳା ଉତ୍କ୍ଷିପ୍ତ ହୋଇ କର୍ତ୍ତବ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ମୋବାଇଲ ଓ ବୁମ୍ ଛଡ଼ାଇ ନେଇଥିଲେ। ଏ ନେଇ ଖବରଦାତାଙ୍କ ପକ୍ଷରୁ ଯୋଡ଼ା ଥାନାରେ ଏକ ଲିଖିତ ଏତଲା ଦିଆଯାଇଛି। ପୋଲିସ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୩ ଖଣିଜ ବୋଝେଇ ଟ୍ରକ୍, ଜେସିବି ଜବତ

### ଚୋରା ଖଣିଜ ଉପରେ ବନ ବିଭାଗର ଚଢ଼ାଉ

ଯୋଡ଼ା,୨୨।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ଓ ବଡ଼ବିଲ ରେଞ୍ଜ ଅଞ୍ଚଳରେ ବେଆଇନ ଲୁହାପଥର ଓ ମାଙ୍ଗାନିଜ ଉତ୍ତୋଳନ କରି ଚୋରାଚାଲାଣ ବେଳେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଘଟଣାରେ ୩ଟି ଖଣିଜ ବୋଝେଇ ଟ୍ରକ୍ ସହିତ ଗୋଟିଏ ଜେସିବି ମେସିନ ଜବତ କରାଯାଇଛି।
ସୂଚନା ଅନୁଯାୟୀ, ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଠାକୁରାଣୀ ସଂରକ୍ଷିତ ଜଙ୍ଗଲର କଳାପାହାଡ଼ଠାରେ ଚୋରା ଖଣିଜ ଉତ୍ତୋଳନ ଓ ପରିବହନ ଚାଲିଥିଲା। ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩ ଟ୍ରକ୍(ନଂ. ଜେ.ଏଚ୍. ୦୨ ବିପି ୪୦୯୪, ବି.ଆର୍. ୦୧ ଜି.ଏଲ୍. ୫୪୮୯) ଓ ଖଣିଜ ଉତ୍ତୋଳନରେ ବ୍ୟବହୃତ ଏକ ଜେସିବି ମେସିନ ଜବତ ହୋଇଛି। ସେହିପରି ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନର ବନପାଳ ତ୍ରିନାଥ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି କମାରଯୋଡ଼ାଠାରୁ ଗୋଟିଏ ଲୁହାପଥର ବୋଝେଇ ୧୨ ଚକିଆ ଟ୍ରକ (ନଂ. ଜେଏଚ୍ ୦୨ ଏଏନ୍ ୮୪୧୦) ଜବତ କରିଛି। ବନ ବିଭାଗ ୨ଟି ପୃଥକ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ବନାଞ୍ଚଳରେ ହେଉଥିବା ଖଣିଜ ଚୋରା କାରବାରକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରଖାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉକୁ ଆହୁରି ଜୋରଦାର କରାଯିବ ବୋଲି ବନପାଳ ଜେନା କହିଛନ୍ତି।




## ଦୁର୍ଘଟଣାରେ ବାପା, ମା', ଝିଅ ଆହତ

ଯୋଡ଼ା,୨୨।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆ ନିକଟ ରାସ୍ତାରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ପରିବାର ୩ ଜଣ ଆହତ ହୋଇଛନ୍ତି। ବାଇକ ଆରୋହୀ ହୁଡ଼ିସାହିର ଏମ୍‌ଡି ଇର୍ଷାଦ ଖାନ୍ ତାଙ୍କ ପତ୍ନୀ ରବିନା ଖାତୁନ ଓ ତାଙ୍କ ୫ ବର୍ଷର ଶିଶୁ ଆହତ ହୋଇଛନ୍ତି। ଏମ୍‌ଡି ବାଇକ (ନଂ. ଓଡ଼ି ୦୯ ବି ୮୦୫୭)ଯୋଗେ ସପରିବାର ଟାଟା ପାର୍କ ବୁଲିବା ପାଇଁ ଯାଇଥିଲେ। ସେଠାରୁ କେନ୍ଦ୍ରୀୟ ଖେଳପଡ଼ିଆ ଦେଇ ଘରକୁ ଫେରୁଥିବା ବେଳେ ପ୍ରାୟ ୮ ଘଟିକା ସମୟରେ ଏକ ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଉଭୟ ଦମ୍ପତି ଗୁରୁତର ହୋଇଥିବା ବେଳେ ଶିଶୁ ଜଣକ ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ପାଟଣା ରେଞ୍ଜର ବନପାଳ, ୨ ବନରକ୍ଷୀ ପୁରସ୍କୃତ

ପାଟଣା,୨୨।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜର ଜଣେ ବନପାଳ ଓ ୨ ବନରକ୍ଷୀଙ୍କୁ ଜଙ୍ଗଲ ସୁରକ୍ଷା, ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ଓ ବନ୍ୟ ପ୍ରାଣୀ ଦେଖାରଖା କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ ବିଭାଗ ତରଫରୁ ପୁରସ୍କୃତ କରାଯାଇଛି । ଶନିବାର କେନ୍ଦୁଝର ଅଡ଼ିଟୋରିୟମରେ ଆୟୋଜିତ ହୋଇଥିବା ବିଶ୍ୱ ବନ ଦିବସ ସ୍ୱତନ୍ତ୍ର ଉତ୍ସବ ଅବସରରେ ପାଟଣା ରେଞ୍ଜର ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଖୀରେଇ ଟାଙ୍ଗିରୀ ବନରକ୍ଷୀ ଡଲିରାଣୀ ସାହୁ ଏବଂ ସାହାରପଡ଼ା ସେକ୍ସନ ଗୋରାଣ୍ଡିଯୋଡି ବିଟ ବନରକ୍ଷୀ ରଞ୍ଜିତା ମହାନ୍ତଙ୍କ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦୁଝର ପୌର ଅଧକ୍ଷା ନିକୁ ସାହୁ, ଡିଏଫ୍‌ଓ ଧନ୍‌ରାଜ ହନୁମନ୍ତ ଧାମ୍‌ଧେର, ପ୍ରବେଶନ ଆଇଏଏସ୍ ପବନ କୁମାର, ପ୍ରବେଶନ ଆଇଏଫ୍‌ଏସ ପ୍ରତୀକ ଇନ୍ଦଲ କରଙ୍କ ସହ ଅନ୍ୟ କର୍ମଚାରୀ ଏବଂ ପରିବେଶବିତ୍‌ମାନେ ଉପସ୍ଥିତ ଥିଲେ।


ବନପାଳ ଅତିଥିଙ୍କ ନିକଟରୁ ମାନପତ୍ର ଗ୍ରହଣ କରୁଛନ୍ତି।

# ଜବରଦଖଲରେ ସରକାରୀ ଜମି, ରାସ୍ତା ନିର୍ମାଣରେ ବାଧା

### ଗାଁକୁ ଜରୁରିକାଳୀନ ସେବା ଗାଡ଼ି ପହଞ୍ଚିପାରୁନି

ବଞ୍ଚୋ,୨୨।୩(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚୋରଗାଡ଼ିଆ ଗ୍ରାମରେ ସରକାରୀ ଜମି ଜବରଦଖଲରେ ରହିଛି। ଫଳରେ ରାସ୍ତା ସମ୍ପ୍ରସାରଣରେ ବାଧା ଉପୁଜୁଛି। ଗାଁକୁ ଜରୁରିକାଳୀନ ଯାନ ଯାତାୟାତରେ ସମସ୍ୟା ହେଉଛି। ଏ ନେଇ ଗ୍ରାମବାସୀ ପୂର୍ବରୁ ବ୍ଲକ୍, ଉପଖଣ୍ଡ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ଏ ନେଇ ରବିବାର ଗ୍ରାମରେ ଜନଅସନ୍ତୋଷ ଦେଖାଦେଇଥିଲା। ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ।
ଅଭିଯୋଗ ଅନୁସାରେ, ଗ୍ରାମରେ ଥିବା ପ୍ରାୟ ୮ ଏକର ସରକାରୀ ଜମି କିଛି ବ୍ୟକ୍ତି ଅବୈଧଭାବେ ଦଖଲ କରି ରଖିଛନ୍ତି। ଗ୍ରାମବାସୀ ୨୦୧୯ରୁ ସରକାରୀ ଜମି ମାପ ଓ ଚିହ୍ନଟ ପାଇଁ ବାରମ୍ବାର ଆବେଦନ କରୁଥିଲେ ମଧ୍ୟ ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜମି ଚିହ୍ନଟ ପ୍ରକ୍ରିୟା ବିଳମ୍ବ ହେବାରୁ ରାସ୍ତା ସମ୍ପ୍ରସାରଣ କାମ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଗାଁକୁ ଆମ୍ବୁଲାନ୍ସ ଓ ଦମକଳ ପ୍ରବେଶ କରିପାରୁନାହିଁ। ଯାହାଦ୍ୱାରା ଗ୍ରାମବାସୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବରୁ ତହସିଲଦାର, ଉପଜିଲାପାଳ, ଜିଲାପାଳ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗତ ଗୁରୁବାର ଗ୍ରାମବାସୀ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ତୁରନ୍ତ ଜବରଦଖଲ ହଟାଇବାକୁ ଗ୍ରାମର ଗୋବର୍ଦ୍ଧନ ସାହୁ, ଭାଗୀରଥି ନାୟକ, ସୁଧାଂଶୁ ଶେଖର ଜେନା, କୋଦଣ୍ଡ ଦାସ, ଲଛମନ ବେହେରା ପ୍ରମୁଖ ଦାବି କରିଥିଲେ। ସମସ୍ୟା ସମାଧାନ ନ ହେବାରୁ ରବିବାର ପ୍ରତିବାଦ କରିଥିଲେ। ଉପ ଜିଲାପାଳ ନୀଳମାଧବ ସୁନା କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତର ସହିତ ଗ୍ରହଣ କରାଯାଇଛି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଲୋକଙ୍କ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ।


ଗ୍ରାମବାସୀ ଅଭିଯୋଗପତ୍ର ଦେଖାଉଛନ୍ତି।

# ମନ ମୋହିଲା ମାହାରୀ ନୃତ୍ୟ

## କପିଳ ମୁନି ମହୋତ୍ସବ

ବାସୁଦେବପୁର,୨୨।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକର ବିଦେଇପୁରଠାରେ ଚାଲିଥିବା କପିଳ ମୁନି ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବୈଲୋଚନ ଯେନା ଓ ଅନ୍ୟତମ ଅତିଥି ଭାବେ ଖବରଦାତା ରମାକାନ୍ତ ଡାଙ୍ଗୁଆ ଯୋଗ ଦେଇଥିଲେ। ମନ୍ଦିରା ନାଚ ଗ୍ରୁପ ଦ୍ୱାରା ଓଡ଼ିଶୀ ନୃତ୍ୟ, ଦାସିଆ ବାଉରୀ ଜଗନ୍ନାଥ ମହାପ୍ରଭୁଙ୍କୁ ନଡ଼ିଆ ଦେବାର ନୃତ୍ୟ, ଦେବଦାସୀଙ୍କ ମାହାରୀ ନୃତ୍ୟ, ଘୋଡ଼ାନାଚ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। କଳାକାର ସତ୍ୟବ୍ରତ ସାହୁ, ସତ୍ୟବାନ ସାହୁ ଭଦ୍ରକ ମନ୍ଦିରା ଡ୍ୟାନ୍ସ ଏକାଡେମୀର ପରିଚାଳକ ବିକ୍ରମାଦିତ୍ୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଉଡ଼ି ଗବେଷଣା କେନ୍ଦ୍ରର ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ମଞ୍ଚ ପରିଚାଳନା କରିଥିଲେ।

ଶ୍ରୀରାମ ନବମୀ ମହୋତ୍ସବ

# ବାଲ୍ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା

ଭଦ୍ରକ,୨୨।୩(ସନାତନ ରାଉତ)

ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଭଦ୍ରକ ସହର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗଣଦୌଡ଼, ବାଇକ୍ ଶୋଭାଯାତ୍ରା, ହିନ୍ଦୁ ନବବର୍ଷ, ଗୋ-ପୂଜନ, ସାଧୁସନ୍ଥ ପୂଜନ ପରେ ରବିବାର ସକାଳେ ବାଲ୍ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସ୍ଥଳ ଗାନ୍ଧୀପଡ଼ିଆରୁ ଆରମ୍ଭ ହୋଇଥିବା ସାଇକେଲ ଶୋଭାଯାତ୍ରାକୁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଭଦ୍ରକ ସହରର ବାଇପାସ୍ ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁନର୍ବାର ଗାନ୍ଧୀପଡ଼ିଆରେ ପହଞ୍ଚିବା ପରେ ଉଦ୍‌ଯାପିତ ହୋଇଥିଲା। ଏହି ଶୋଭାଯାତ୍ରାରେ କୁନି ଶ୍ରୀରାମ ଭକ୍ତମାନଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସାଇକେଲ ଚଳାଇ ସାମିଲ ହୋଇଥିଲେ।



ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାଇକେଲ ଚଳାଇ ଶୋଭାଯାତ୍ରାରେ ଯାଉଛନ୍ତି।

### କୁନି ଶ୍ରୀରାମ ଭକ୍ତଙ୍କ ସହ ସାଇକେଲ ଚଳାଇଲେ ମନ୍ତ୍ରୀ

ଏହା ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ହୋଇଥିବା ବେଳେ ସାଇକେଲ ଚାଳନା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ଏହି ଅବସରରେ ମନ୍ତ୍ରୀ କହିଥିଲେ। କୁନି ପିଲାମାନେ ସାଇକେଲରେ ପତାକା ଓ ମୁଣ୍ଡରେ ଜୟ ଶ୍ରୀରାମ ପଟି ବାନ୍ଧି ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଜୟ ଶ୍ରୀରାମ ନାରାରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ପରିଚାଳନା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ୨୫ରେ ବନ୍ଦ ରହିବ ମାଛ, ମାଂସ, ଅଣ୍ଡା ଦୋକାନ

ବାସୁଦେବପୁର,୨୨।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରରେ ଶାନ୍ତିପୂର୍ଣ୍ଣ ଭାବେ ରାମନବମୀ ମହୋତ୍ସବ ଓ ପଞ୍ଚମୁଖୀ ହନୁମାନଙ୍କ ୧୭ତମ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଶୁକ୍ରବାର ସନ୍ଧ୍ୟାରେ ବାସୁଦେବପୁର ଥାନାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ ତାରିଖରୁ ରାମନବମୀ ମହୋତ୍ସବ ଓ ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକ ସମାରୋହ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ରେ କଳସ ଶୋଭାଯାତ୍ରାରେ ରାମନବମୀ ମହୋତ୍ସବ ଆରମ୍ଭ ହେବ। ଚଳିତବର୍ଷ ଶୋଭାଯାତ୍ରାରେ ମୋଟ ୧୮ଟି ସୁସଜ୍ଜିତ ମେଢ଼ ସ୍ଥାନ ପାଇବ। ପ୍ରତି ମେଢ଼ର ଉଚ୍ଚତା ୧୪ ଫୁଟ ଏବଂ ଓସାର ୧୦ ଫୁଟ ମଧ୍ୟରେ ସୀମିତ ରଖିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

ସେହିପରି ଡିଜେ ସାଉଣ୍ଡ ଓ ଭାଇବ୍ରେଟର ସାଉଣ୍ଡ ଉପରେ କଟକଣା ଥିବାବେଳେ ସ୍ୱଳ୍ପ ସାଉଣ୍ଡରେ ଶୋଭାଯାତ୍ରା କରାଯିବା ସହ ମୁଖ୍ୟରାସ୍ତା ବାସୁଦେବପୁର ବଜାରରେ ବଡ଼ ଗାଡ଼ି ଚଳାଚଳ ଅପରାହ୍ନ ୫ଟାରୁ ରାତି ୧୨ଟା ଯାଏ ବନ୍ଦ ରହିବ।

### ଶୋଭାଯାତ୍ରାରେ ବାହାରିବ ୧୮ ମେଢ଼

ଛୋଟ ଗାଡ଼ି ଓ ବାଇକ୍‌ଗାଡ଼ିକୁ ସାଇଡ୍ ରାସ୍ତା ଦେଇ ପଠାଯିବା ସହ ଟ୍ରାଫିକକୁ କଡ଼ାକଡ଼ି କରାଯିବ ଏବଂ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଆଇଆଇସି ନୀରଜ କୁମାର ସାମଲ କହିଛନ୍ତି। ତେବେ ୨୫ରେ ବାସୁଦେବପୁର ସହରରେ ମାଛ, ମାଂସ ଓ ଅଣ୍ଡା ବିକ୍ରି ଉପରେ କଟକଣା ଲଗାଯାଇଛି। ସେହିପରି ହୋଟେଲଗୁଡ଼ିକରେ ଆମିଷ ତରକାରୀ ବିକ୍ରି ବନ୍ଦ ରଖାଯିବା ସହ କୁକୁଡ଼ା, ଛେଳି କଟା ମଧ୍ୟ ବନ୍ଦ ରହିବ ବୋଲି ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି। ଶୋଭାଯାତ୍ରା ଓ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବାକୁ ପ୍ରଶାସନ ସମସ୍ତ ଉଦ୍ୟମ କରିବ ବୋଲି ସଦର ଏସ୍‌ଡିପିଓ ଚିତ୍ରାନନ୍ଦ ସେଠୀ କହିବା ସହ ଏ ଦିଗରେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ଶ୍ରୀରାମ ନବମୀ ମହୋତ୍ସବ କମିଟି କର୍ମକର୍ତ୍ତା, ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର କମିଟି ସଦସ୍ୟ ଓ ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ।

# ତିହିଡ଼ିରେ ସାଇକେଲ ଶୋଭାଯାତ୍ରା



ଶ୍ରୀରାମ ନବମୀ ସମିତି ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

ତିହିଡ଼ି,୨୨।୩(ସଞ୍ଜିତ ବଳ)

ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ରବିବାର ଅପରାହ୍ନରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଟପଡ଼ାସ୍ଥିତ ତାରିଣୀ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ତିହିଡ଼ି ବଜାର ଓ ତିହିଡ଼ି କଲେଜ ଛକ ପରିକ୍ରମା କରିଥିଲା। ପରେ ତିହିଡ଼ିସ୍ଥିତ ଶ୍ରୀରାମ ମନ୍ଦିର ନିକଟରେ ଶୋଭାଯାତ୍ରା ଶେଷ ହୋଇଥିଲା। ସମିତି ସଭାପତି କିଶୋର କୁମାର ନାୟକ, ସମ୍ପାଦକ ଯଯାତି କେଶରୀ ଦାସ, କୋଷାଧ୍ୟକ୍ଷ ନୀଳମଣି ସାବତ, ଜିଲା ରାମ ନବମୀ କମିଟି ସଂଯୋଜକ ବସନ୍ତ କୁମାର ରାଉତ, ବିଶ୍ୱଜିତ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମାତୃଭୂମି ପାଇଁ ଗଣଦୌଡ଼

ଚାନ୍ଦବାଲି,୨୨।୩(କିଷାନ ପାତ୍ର)

ଚାନ୍ଦବାଲିରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ମାତୃଭୂମି ପ୍ରତି ସମର୍ପଣ ଓ ଦେଶଭକ୍ତିର ସନ୍ଦେଶ ପ୍ରସାର କରିବା ଉଦ୍ଦେଶ୍ୟରେ ରବିବାର ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କାଳୀ ମନ୍ଦିରଠାରୁ ଗଣଦୌଡ଼ ଆରମ୍ଭ ହୋଇ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଗଣଦୌଡ଼ର ପ୍ରମୁଖ ସ୍ମୃତିରଞ୍ଜନ ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଡିଓ ସଞ୍ଜୀବ କୁମାର ମହାପାତ୍ର ଓ ଚାନ୍ଦବାଲି ଥାନା ଆଇଆଇସି ପରେଶ ମହାନ୍ତି ଯୋଗ ଦେଇଥିଲେ। ରାମ ନବମୀ ଉପଲକ୍ଷେ ଚାନ୍ଦବାଲି ସହର ଉତ୍ସବମୁଖର ହୋଇଉଠିଛି। ସମିତି ପକ୍ଷରୁ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି ଚାଲିଛି। ଆସନ୍ତା ୨୪ ତାରିଖରେ ଆଜ୍ଞାମାଳ ଯାତ୍ରା, ୨୫ରେ ମହିଳା କଳସ ଶୋଭାଯାତ୍ରା, ୨୬ରେ ଗୋପୂଜନ ଓ ସାମୂହିକ ହନୁମାନ ଚାଳିଶା ପାଠ, ୨୭ରେ ନବମୀ ପୂଜା ସହ ୧୦୮ ପ୍ରଦୀପ ପ୍ରଜ୍ୱଳନ, ୨୮ରେ ବିଶାଳ ନଗର ସଂକୀର୍ତ୍ତନ ଓ ମେଢ଼ ଶୋଭାଯାତ୍ରା ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।




ଚାନ୍ଦବାଲିରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଅନୁଷ୍ଠିତ ଗଣଦୌଡ଼।

# 'ଛାତ୍ରୀଛାତ୍ର ଭଲମଣିଷ ହେଲେ ଶିକ୍ଷକଙ୍କର ଗୌରବ ବଢ଼ିଥାଏ'

ବାସୁଦେବପୁର,୨୨।୩ (ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ବାସୁଦେବପୁର ପୌରପାଳିକାର ୨୩ ନଂ ୱାର୍ଡ ଉଚ୍ଛଡିହା ଗ୍ରାମରେ ଥିବା ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନକୁଳ ଚରଣ ବାରିକଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଭା ଓ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ରତ୍ନାକର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଭଲ ମଣିଷ ହୋଇପାରିଲେ ଶିକ୍ଷାର ମୌଳିକ ଲକ୍ଷ୍ୟ ପୂର୍ଣ୍ଣ ହେବା ସହ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କର ଗୌରବ ବଢ଼ିଥାଏ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ବରେଣ୍ୟ ଅତିଥି ରାଇରଙ୍ଗପୁରର ପୂର୍ବତନ ଜିଲା ଶିକ୍ଷାଧିକାରୀ ରତ୍ନାକର ମଲିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ବେହେରା, ଅନ୍ୟତମ ଅତିଥି ଭାବେ ଅଲ୍ ଓଷ୍ଟା ସଙ୍ଗଠନର ପୂର୍ବତନ ଜିଲା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ, ଜିଲା ସମ୍ପାଦକ ଗୟାଧର ଦାସ, ବିଜୟ କୁମାର ମହାନ୍ତି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମିୟ କୁମାର ମହାଲିକ, ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ମହାକୁଡ଼, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗୋଲାପ ସୁନ୍ଦର ନାୟକ, ସାମାଜିକ କର୍ମୀ ସୂର୍ଯ୍ୟନାରାୟଣ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ସୁରେନ୍ଦ୍ର କୁମାର ମହାକୁଡ଼, ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ଭୂମିଦାତା ସ୍ୱର୍ଗତ ରାମହରି ନାୟକଙ୍କ ନାମଫଳକ ଉନ୍ମୋଚିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଚ୍ଛଡିହା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଦାୟୀ ଶିକ୍ଷକ ନକୁଳ ଚରଣ ବାରିକଙ୍କ ସମେତ ବରେଣ୍ୟ ବଦାନ୍ୟ ପ୍ରତିଭା ସୁରେନ୍ଦ୍ର ପ୍ରସାଦ ନାୟକ, ଭାଗୀରଥି ନାୟକ, ବଭ୍ରୁବାହନ ଦାଶ ଓ ସୂର୍ଯ୍ୟନାରାୟଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉଚ୍ଛଡିହା ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନକୁଳ ଚରଣ ବାରିକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

# 'ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରେ ବାର୍ଷିକୋତ୍ସବ'

ବାସୁଦେବପୁର,୨୨।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବେତଡ଼ା ପ୍ରଶାନ୍ତିବିହାରଠାରେ ଶିଶୁମନ୍ଦିରର ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅମିୟ କୁମାର ମହାଲିକ, ମୁଖ୍ୟବକ୍ତା ଏଫ୍‌ଏମ୍ କଲେଜର ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଦୈତାରୀ ବେହେରା, ସାମାଜିକ କର୍ମୀ ଗୌତମ କୁମାର ଚାନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଭାନୁମତି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦା ତଥା ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ଶ୍ରମ ଅଧିକାରୀ ମୁରଲୀଧର ପାକଳ ଓ ସାମାଜିକ କର୍ମୀ ଗୌତମ କୁମାର ଚନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୁରଲୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଭାଷା ସଂଯୋଜନାର ଶୃଙ୍ଖଳା ହିଁ ବ୍ୟାକରଣ'

ଭଦ୍ରକ,୨୨।୩(ସନାତନ ରାଉତ)

ଭାଷା ସଂଯୋଜନାର ଶୃଙ୍ଖଳା ହିଁ ବ୍ୟାକରଣ। ବ୍ୟାକରଣ ବିନା ଯେକୌଣସି ଭାଷା ଅର୍ଥହୀନ। ଦୁଃଖ ସହ ଲୁହ, ଆନନ୍ଦ ସହ ହସର ସମ୍ପର୍କ ପରି ବ୍ୟାକରଣ ସହ ଶବ୍ଦ, ଭାବ, ଭାଷା ଓ ସାହିତ୍ୟର ସମ୍ପର୍କ ବୋଲି ଶିକ୍ଷାବିତ୍ ବିନୟ କୁମାର ପଣ୍ଡାଙ୍କ 'ଏ ହ୍ୟାଣ୍ଡବୁକ ଅଫ୍ ଇଂଲିଶ ଗ୍ରାମାର' ପୁସ୍ତକ ଲୋକାର୍ପଣ ଅବସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରେମ ପୃଥିବୀ ପରିବାର ପକ୍ଷରୁ ରବିବାର ଭଦ୍ରକ ଆରଡ଼ିଛକସ୍ଥିତ ପ୍ରେମନଗରଠାରେ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଥିଲା।

ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ଡ. ଗୋଲକ ବିହାରୀ ସାହୁ, ପ୍ରଫେସର ବାସୁଦେବ ବାରିକ ଓ ଡ. ଗୁରୁପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ କିଶୋର ପାଣିଗ୍ରାହୀ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ଶିକ୍ଷାବିତ୍ ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ଓ 'ପ୍ରେମ ପୃଥିବୀ' ପତ୍ରିକାର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଚୈତାଳି ଖିଲାର ସ୍ୱାଗତ ଭାଷଣ, ସଂଯୁକ୍ତା ବଳ ଅତିଥି ପରିଚୟ ଓ ଶରତ ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ନପୂର୍ଣ୍ଣା ପଣ୍ଡା, ଅମିତାଭ ପଣ୍ଡା, ଅବିନାଶ ପଣ୍ଡା, ଅନନ୍ତ ନାରାୟଣ ପଣ୍ଡା, ସାଇସୌମ୍ୟ ଘଡ଼େଇ, ପ୍ରିୟଙ୍କା ପଣ୍ଡା, ଅନୁରାଧା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନର ସମ୍ମିଳନୀ

ଭଦ୍ରକ,୨୨।୩(ରବିନାରାୟଣ ଖିଲାର)

ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ୟୁନିୟନର ଭଦ୍ରକ ଜିଲା ଶାଖା ପକ୍ଷରୁ ୧୫ତମ ସମ୍ମିଳନୀ ରବିବାର ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବକାନ୍ତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡା.ରବୀନ୍ଦ୍ର କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ ଯୋଗ ଦେଇଥିଲେ। ସମ୍ପାଦକ ବସନ୍ତ ନାୟକ ଓ ଉପଦେଷ୍ଟା ଅମରେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରମେଶ୍ୱର ପାତ୍ର, ସତ୍ୟବ୍ରତ ମହାପାତ୍ର, ସଂଗ୍ରାମ ମଲ୍ଲିକ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଅମୂଲ୍ୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ସ୍ମୃତିସଭା, ପ୍ରତିମୂର୍ତ୍ତି ଅନାବରଣ

ଧାମନଗର,୨୨।୩(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଅଧୀନ ଖଡ଼ିପଦା ପଞ୍ଚାୟତର କୋରକଦା ଗ୍ରାମରେ ଶିକ୍ଷାବିତ୍ ସ୍ୱର୍ଗତ ଶମ୍ଭୁନାଥ ସାମଲ ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ସାମଲଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ସ୍ମୃତିସଭା ସହ ସେମାନଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। କୃତ୍ତିବାସ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ରାଜକିଶୋର ପାଢ଼ୀ, ପ୍ରଫେସର ମନୋରଞ୍ଜନ ମହାନ୍ତି, କିଶୋର ସାମଲ, ରବୀନ୍ଦ୍ର ବେହୁରିଆ, ହୃଦାନନ୍ଦ ମହାନ୍ତି, ଅବନୀ ପ୍ରଧାନ, ରବିନାରାୟଣ ନନ୍ଦ, ରାଜକିଶୋର ନାୟକ, ପ୍ରଦୀପ ମଲିକ, ପ୍ରତାପ ସାମଲ, ଅରବିନ୍ଦ ପତି, ହୃଦାନନ୍ଦ କର, ଗୋଲାମ ମଦାନି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ଶମ୍ଭୁନାଥ ଜଣେ ଆଦର୍ଶ ଶିକ୍ଷକ ଥିଲେ। ଆଜିକାଲି ସମାଜରେ ଶିକ୍ଷିତ ସନ୍ତାନମାନେ ମା' ବାପାଙ୍କୁ ଜରାନିବାସରେ ଛାଡ଼ୁଛନ୍ତି। ଏପରିସ୍ଥଳେ ଦିବଂଗତ ମା' ବାପାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିବା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କୁ ବକ୍ତାମାନେ ପ୍ରଶଂସା କରିଥିଲେ। ଏହି ଅବସରରେ କୃଷ୍ଣଚନ୍ଦ୍ର ନାୟକ, ଯୁଧିଷ୍ଠିର ପଣ୍ଡା, ଦଧିବାମନ ମିଶ୍ର ଓ ଗୌରାଙ୍ଗ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏବିଇଓ ହେମେନ୍ଦ୍ର ମହାନ୍ତି ସଭା ସଞ୍ଚାଳନା କରିଥିଲେ। ବିଶ୍ୱକେତନ ସାମଲ କୃତଜ୍ଞତା ଜଣାଇଥିଲେ।

# ଗୁହାଳରେ ଅଗ୍ନିକାଣ୍ଡ, ଗାଈ ଜୀବନ୍ତ ଦଗ୍ଧ

ବନ୍ତ,୨୨।୩ (କିଶୋର କୁମାର ସେଠୀ)

ବନ୍ତ ତହସିଲ ଅଧୀନ ଓଡ଼ଙ୍ଗ ପଞ୍ଚାୟତର ଏରଖାଟିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଗୁହାଳରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ଏକ ଗାଈ ଗୁରୁତର ହୋଇଛି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଗ୍ରାମର ରଘୁନାଥ ମହାନ୍ତି ଓ ନିରାକାର ମହାନ୍ତିଙ୍କ ଗୁହାଳ ଘରେ ନିଆଁ ଲାଗି ୨ ବଖରା ଗୁହାଳ ଘର ଜଳିଯାଇଛି। ଗ୍ରାମବାସୀ ଏବଂ ଆଗରପଡ଼ା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଓଡ଼ଙ୍ଗ ପ୍ରାଣୀଧନ ନିରୀକ୍ଷକ ପ୍ରିୟବ୍ରତ ରାଉତ ଗୁରୁତର ଗାଈର ଚିକିତ୍ସା କରିଛନ୍ତି। ଅଗ୍ନିବିପନ୍ନଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ଆଗରପଡ଼ା ମାଟି କଳା ସଂସ୍କୃତିର ମାଟି'

## ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୩ୟ ସନ୍ଧ୍ୟା

ଆଗରପଡ଼ା,୨୨।୩(ସୁଶାନ୍ତ ଦାସ)

ବନ୍ତ ବ୍ଲକ ଆଗରପଡ଼ା ହେମପଦ୍ମା ଗାଲାକ୍ସିଠାରେ ଚାଲିଥିବା ତ୍ରୟୋଦଶତମ ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ଶନିବାର ଥିଲା ୩ୟ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ କହିଥିଲେ, ଆଗରପଡ଼ା ମାଟି ହେଉଛି କଳା, ସାହିତ୍ୟ, ସଂସ୍କୃତି ଓ ରାଜନୈତିକତାର ମାଟି। ଏ ମାଟିର ସୁପୁତ୍ର ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କ ପାଇଁ ଆଗରପଡ଼ା ଗର୍ବିତ। ମୁଖ୍ୟବକ୍ତା ସାମାଜିକ କର୍ମୀ ସୁଶ୍ରୀ ଅନୁପମା ଦାଶ, ଅନ୍ୟତମ ଅତିଥି ଭାବେ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ପୂର୍ବତନ ସରପଞ୍ଚ ସତ୍ୟସାଧନ ବେଜ, ଉପଦେଷ୍ଟା ସୁବୋଧ କୁମାର ସାହୁ, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି କୈଳାସ ଚନ୍ଦ୍ର ଧଳ ଓ ଗୋଲକ ପୃଷ୍ଟି ଯୋଗ ଦେଇଥିଲେ। କମିଟିର ସଭାପତି ଆଇନଜୀବୀ ମନୋଜ ରାୟ ଏଥିରେ ସଭାପତିତ୍ୱ କରିଥିଲେ।




ମହୋତ୍ସବର ୩ୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସମ୍ପାଦକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହସମ୍ପାଦକ ଗଦାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟଗୁରୁ ସନାତନ ସାହୁ, ଚିତ୍ତରଞ୍ଜନ ଦାସ, ପଦ୍ମନାଭ ସେଠୀ, ମାମୁନି ସିଂହ, ନୀହାର ରଞ୍ଜନ ସାହୁ, କରନ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧିକ ସୁଯୋଗ ମିଳିଥାଏ'

ତିହିଡ଼ି,୨୨।୩(ସଞ୍ଜିତ ବଳ)

ଏବେ ସବୁ କ୍ଷେତ୍ରରେ ପ୍ରତିଯୋଗିତା ଚାଲିଛି। ଏହି ପରିପ୍ରେକ୍ଷୀରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧିକ ସୁବିଧା ସୁଯୋଗ ମିଳିପାରିବ ବୋଲି ତିହିଡ଼ି ବ୍ଲକ ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୨ତମ ବାର୍ଷିକୋତ୍ସବ 'ନବରାଗ'ରେ ମୁଖ୍ୟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା କମିଟି ସଦସ୍ୟା ଲକ୍ଷ୍ମୀପ୍ରିୟା ଯତି ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ପ୍ରାବନ୍ଧିକ ଡ. ବିଶ୍ୱରଞ୍ଜନ ଦାସ, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ଉପଦେଷ୍ଟା ବିଜୟ ରାଉତ, ଆଇନଜୀବୀ ସଞ୍ଜୟ କୁମାର ମହାନ୍ତି, ନରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ କବି ପ୍ରଦୀପ୍ତ ଦାସ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଗତ ଶିକ୍ଷାବର୍ଷର ଛାତ୍ରୀଛାତ୍ରଙ୍କୁ ବିଶେଷ ପ୍ରତିଭା ପାଇଁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଦୀପ ମହାନ୍ତି, ନକୁଳ ମହାଲିକ, ଗୟାଧର ନାୟକ, ଝରଣା ଦାସ, ସ୍ୱରୂପାରାଣୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଚିତ୍ରଡ଼ା-ମୋରଡ଼ା ଯୋଗାଯୋଗ ବିଚ୍ଛିନ୍ନ

# ଦବିଗଲା ଶିଳଦା ପୋଲ

ମୋରଡ଼ା,୨୨।୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା-ମୋରଡା-ରାଜଘାଟ ମୁଖ୍ୟ ରାସ୍ତାର ଶିଳଦା ନିକଟରେ ଥିବା ଜମ୍ବୀରା ନଦୀ ପୋଲ ଦବି ନୌକା ଆକୃତିର ହୋଇଯାଇଛି। ଫଳରେ ଚିତ୍ରଡ଼ା-ମୋରଡ଼ା ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।

୧୯୮୬ରେ ତତ୍କାଳୀନ ବାଚସ୍ପତି ପ୍ରସନ୍ନ କୁମାର ଦାସଙ୍କ ଉଦ୍ୟମରେ ଉକ୍ତ ପୋଲ ନିର୍ମାଣ ହୋଇଥିଲା। ତେବେ ଗତ ୩ ବର୍ଷ ହେବ ପୋଲଟି ବିପଦ ସଂକୁଳ ଅବସ୍ଥାରେ ଥିଲା। ପୂର୍ତ୍ତବିଭାଗ ଦ୍ୱାରା ପୋଲ ଉପରେ ଭାରୀ ଯାନ ଯାତାୟାତ ନିଷେଧ କରାଯାଇଥିଲା। କିନ୍ତୁ ବ୍ୟାରିକେଡ୍ ଗୁଡ଼ିକ ଠିକ୍ ଭାବେ ବସି ନ ଥିବାରୁ ରାତିରେ ବ୍ୟାରିକେଡ୍ କଡ ଦେଇ ଭାରୀଯାନ ଯାତାୟାତ କରୁଥିଲା। ଫଳରେ ବର୍ତ୍ତମାନ ଉକ୍ତ ପୋଲଟି ପ୍ରାୟ ତିନିଫୁଟ ତଳକୁ ଦବି ଯାଇଛି। ତେଣୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରବିବାର ଘଟଣାସ୍ଥଳରେ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଗିରି ପହଞ୍ଚିବା ସହିତ ସ୍ଥିତି ଯାଞ୍ଚ କରିଛନ୍ତି। ପୋଲର ଉଭୟ ପାର୍ଶ୍ୱରେ ବାଲି ବସ୍ତା ଦେବା ସହିତ ବ୍ୟାରିକେଡ୍ ଦିଆଯାଇ କୌଣସି ଗାଡ଼ି ଚଳାଚଳ ପାଇଁ କଟକଣା ଜାରି କରାଯାଇଛି। ତେବେ ଏଭଳି ପରିସ୍ଥିତିକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲରେ ଯାତାୟାତ ବନ୍ଦ କରିବା ପୂର୍ବରୁ ଚିତ୍ରଡ଼ା, ମୋରଡ଼ା, ମାଳିହଟା ଆଦି ସ୍ଥାନରେ ଉକ୍ତ ପୋଲ ବନ୍ଦ ଅଛି ବୋଲି ସାଇନ ବୋର୍ଡ ମାରିବାକୁ ଦାବି ହେଉଛି। ସେହିପରି ପୋଲ ଏବେ ବନ୍ଦ ହେବାରୁ ଚିତ୍ରଡ଼ାରେ ଥିବା କଲେଜ, ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରାର ଅଫିସ ଆଦି ବିଭିନ୍ନ କାର୍ଯ୍ୟାଳୟକୁ ଯିବା ଆସିବା କରିବା ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେବେ। ସେପଟେ ଗତ ୨୦୨୪-୨୫ ଆର୍ଥିକ ବର୍ଷର ଫେବୃୟାରୀ ୬ ତାରିଖରେ ନୂତନ ପୋଲର ନିର୍ମାଣ ନିମନ୍ତେ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ସୁଦ୍ଧା କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବା ହେତୁ ନିର୍ମାଣ କାର୍ଯ୍ୟ କେବେ ସରିବ ଓ ଚିତ୍ରଡା-ମୋରଡା ସିଧାସଳଖ ଯୋଗାଯୋଗ କେବେ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ କନିଷ୍ଠ ଯନ୍ତ୍ରୀ ଗିରିଙ୍କୁ ପଚାରିବାରୁ ସୋମବାର ସୁଦ୍ଧା ବିଭିନ୍ନ ସ୍ଥାନରେ ସାଇନ ବୋର୍ଡ ମରାଯିବ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ବିପଦସଙ୍କୁଳ ପୋଲ ଉପରେ ଯାତାୟାତ ବନ୍ଦ କରାଯାଇଛି।

# ଧାନ କଟ୍‌ନିଛଟ୍‌ନିକୁ ନେଇ ମଣ୍ଡିରେ ବିବାଦ

ଉଦଳା,୨୨।୩ (ସନ୍ତୋଷ କୁମାର ବାଛିନୀ)

ଟୋକନର ଅବଧି ପାର୍ ହୋଇଯାଇଛି। ଚାଷୀ ଧାନ ବିକ୍ରି କରିବା ନିମନ୍ତେ ମଣ୍ଡିରେ ପହଞ୍ଚିଥିବା ବେଳେ ମିଲର ଧାନ କିଣାରେ ବ୍ୟାପକ କଟନିଛଟନି କରୁଥିବା ଅଭିଯୋଗ ହୋଇଛି। ଉଦଳା ବ୍ଲକ୍ ଚୁଳିଆପୋଷିଠାରେ ଥିବା ଖଲାଡି ଲ୍ୟାମ୍ପସ୍‌ରେ ରବିବାର ଅପରାହ୍ନ ୩ଟାରେ ଚାଷୀଙ୍କ ଧାନ ଉଠିଥିଲା। ତେବେ ଧାନ ଉଠାଉଥିବା ମିଲର ମନମାନି କରୁଥିବା କେତେଜଣ ଚାଷୀ ଅଭିଯୋଗ କରି ମଣ୍ଡିରେ ହୋହଲ୍ଲା କରିଥିଲେ। ଚାଷୀଙ୍କ ଧାନର ଏଫଏକ୍ୟୁ ମାନ ଯାଞ୍ଚ କରା ନ ଯାଇ ଧାନ ଉଠା ଯାଉଥିବା ବେଳେ କୁଇଣ୍ଟାଲ ପିଛା ୧୬ରୁ ୧୭ କେଜି ଧାନ କଟା ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ବିନା ମାନ ଯାଞ୍ଚରେ ମିଲର ଚାଷୀଙ୍କୁ ଶୋଷଣ କରି ବ୍ୟାପକ ପରିମାଣର କଟନିଛଟନି କରୁଥିବା ଅଭିଯୋଗ କରି ଚାଷୀମାନେ ମଣ୍ଡିରେ ପାଟିତୁଣ୍ଡ କରିଥିଲେ। ତେବେ କଟନିଛଟନି ନେଇ ଆସିଥିବା ଅଭିଯୋଗ ମିଛ ବୋଲି ଲ୍ୟାମ୍ପସ୍‌ର ଏମ୍‌ଡି ବିପ୍ଳବ ରାଉତ କହିଛନ୍ତି।

# ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା/ରାସଗୋବିନ୍ଦପୁର,୨୨।୩ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ୩ ଦିନିଆ ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରମୋଦ କୁମାର ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀର ପଟ୍ଟନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରୋଗ୍ରାମ ଅଫିସର ଉଷା ଶତପଥୀ, ଲେଖକ ସତ୍ୟ ସୁନ୍ଦର ସାମନ୍ତ, ପୂର୍ବତନ ଅଧ୍ୟକ୍ଷ ସଞ୍ଜୀବ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଅବନୀକାନ୍ତ ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବକମାନେ ଦେଶର ଭବିଷ୍ୟତ ଓ ସମାଜ ପରିବର୍ତ୍ତନର ପ୍ରମୁଖ ଶକ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅରୋ ପ୍ରସାଦ ପରିଡ଼ା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ସୂଚନା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଏନ୍‌ଏସ୍‌ଏସ୍ ସେବିକା-ସେବକ ଅଂଶଗ୍ରହଣ କରିବେ।

# ବିଶ୍ୱ କବିତା ଦିବସ

ବାରିପଦା,୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ କବିତା ଦିବସ ଅବସରରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ସମ୍ମିଳନୀ କକ୍ଷରେ ଏକ ଭବ୍ୟ କବିତା ସଭା ଆୟୋଜିତ ହୋଇଥିଲା। ସମ୍ପାଦକ ମନୋଜ ଦଳବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲାର ବରିଷ୍ଠ ଓ ଯୁବ କବିମାନେ ଯୋଗଦେଇଥିଲେ। ମଞ୍ଚରେ ପୂର୍ବତନ ସଭାପତି ଅଜିତ କବାଟ, ଉପସଭାପତି ଜୟନ୍ତ କୁମାର ଦ୍ୱାରୀ, କାବେରୀ ମିଶ୍ର, ବରିଷ୍ଠ କବି ନରସିଂହ ବାରିକ ଓ କୋଷାଧ୍ୟକ୍ଷ ସମରେନ୍ଦ୍ର ବଶା ଉପସ୍ଥିତ ଥିଲେ। ବିଶ୍ୱ କବିତା ଦିବସ ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖରେ ପାଳନ କରାଯାଏ। କବିତା ମାଧ୍ୟମରେ ଭାଷା, ସଂସ୍କୃତି ଓ ମାନବୀୟ ଭାବନାକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। କବିତା ମାନବ ମନର ଗଭୀର ଅନୁଭୂତିକୁ ସରଳ ଓ ସୁନ୍ଦର ଭାବେ ପ୍ରକାଶ କରିଥାଏ, ଯାହା ସମାଜକୁ ସଚେତନ ଓ ସମ୍ବେଦନଶୀଳ କରେ। ଏହି ଦିନ ନୂତନ କବିମାନଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ମିଳେ ଓ ସାହିତ୍ୟ ପ୍ରତି ରୁଚି ବୃଦ୍ଧି ପାଏ।ଏହି ଅବସରରେ କବିମାନେ 'ପ୍ରେମ' ଶୀର୍ଷକରେ ନିଜ ନିଜ କବିତା ପାଠ କରିଥିଲେ। ପ୍ରେମର ବିଭିନ୍ନ ଆୟାମମାନବ ପ୍ରେମ, ପ୍ରକୃତି ପ୍ରେମ, ଦେଶପ୍ରେମ ଓ ମାନବତା-କବିତାମାନଙ୍କ ମାଧ୍ୟମରେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ ପାଇଥିଲା। ସଭାରେ ଆଧୁନିକ ଯୁଗରେ ଯେତେବେଳେ ମଣିଷ ଯାନ୍ତ୍ରିକ ଜୀବନରେ ବ୍ୟସ୍ତ, ସେତେବେଳେ କବିତା ମଣିଷକୁ ମନୋବୈଜ୍ଞାନିକ ଶାନ୍ତି ଓ ଆତ୍ମିକ ସନ୍ତୋଷ ଦେଇଥାଏ। କବିତା ମାଧ୍ୟମରେ ସମାଜର ସମସ୍ୟା ଓ ସତ୍ୟକୁ ସହଜ ଭାବେ ଉପସ୍ଥାପନ କରାଯାଇପାରେ ବୋଲି କୁହାଯାଇଥିଲା। ସଭା ଶେଷରେ ପରିଷଦ କୋଷାଧ୍ୟକ୍ଷ ସମରେନ୍ଦ୍ର ବଶା ସମସ୍ତ ଅତିଥି, କବି ଓ ଶ୍ରୋତାମାନଙ୍କୁ ଧନ୍ୟବାଦ ଦେଇଥିଲେ।

# 'ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସ'ର ଅଧିବେଶନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥରେ 'ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସ' ର ପ୍ରଥମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝରର ଇତିହାସ, ଐତିହ୍ୟ ଓ ସଂସ୍କୃତି ଉପରେ ଗଭୀର ଅଧ୍ୟୟନ ଏବଂ ବୌଦ୍ଧିକ ଆଦାନପ୍ରଦାନ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବା ଏହି ଅଧିବେଶନର ମୂଳ ଉଦ୍ଦେଶ୍ୟ ରହିଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଶାର ଐତିହାସିକ ବିଭବ ଉପରେ ବକ୍ତବ୍ୟ ଦେଇଥିଲେ। ଅନ୍ୟ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଡ. ହରିହର ପଣ୍ଡା ଓ ପ୍ରଫେସର ରାମଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଉଦ୍‌ଘାଟନ ପରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ମଧ୍ୟାହ୍ନରେ ଦୁଇଟି ବୈଷୟିକ ଅଧିବେଶନରେ ଗବେଷକମାନେ ପ୍ରବନ୍ଧ ପାଠ କରିଥିଲେ। ଅପରାହ୍ନରେ ସମାପନୀ ଅଧିବେଶନରେ ଡ. ଉତ୍ପଳା ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଭାପତି ଡ. ଭଗବତ ତ୍ରିପାଠୀ, ସାଧାରଣ ସମ୍ପାଦକ ଡ. ପ୍ରତାପ କୁମାର ନାୟକ ଓ ସ୍ଥାନୀୟ ସମ୍ପାଦିକା ରାଇମଣି ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହା ଅଞ୍ଚଳର ଇତିହାସ ପ୍ରେମୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିଛି।

# ଥାନା ପରିସରରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଉଦଳା,୨୨।୩ (ସନ୍ତୋଷ କୁମାର ବାଛିନୀ)

ଦୀର୍ଘ ଦିନ ଧରି ଉଦଳା ଥାନା ପରିସରରେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଇଥିଲା। ଫଳରେ ଥାନା ପରିସରରେ ରହୁଥିବା ଅଧିକାରୀ ଏବଂ କର୍ମଚାରୀ ପିଇବା ପାଣି ପାଇବାରୁ ବଞ୍ଚିତ ହେବା ସହିତ ପାଣି ଟୋପାଏ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ମାତ୍ର ବିଧାୟକଙ୍କ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟରେ ଏକ ନଳକୂପ ଖନନ କରାଯାଇ ପାନୀୟ ଜଳର ଅଭାବ ଦୂର କରାଯାଇଛି। ରବିବାର ଏହି ପାନୀୟ ଜଳ ପ୍ରକଳ୍ପକୁ ବିଧାୟକ ଭାସ୍କର ମଢ଼େଇ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ଥାନା ଅଧିକାରୀ ବନମାଳୀ ବାରିକ ଏବଂ ଉଦଳା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ରାଧାଶ୍ୟାମ ନାୟକ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ବିଭୂତି ଭୂଷଣ ମହାନ୍ତ, ବିଜୟ ସେନାପତି, ପ୍ରଭାତ ପରିଡ଼ା, ପ୍ରାଚ୍ୟ ସୁମନ ମହାନ୍ତିଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

# ୧୯୯୫ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ


ବନ୍ଧୁମିଳନରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନେ ।

ମୋରଡା,୨୨।୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୫ ମ୍ୟାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ସେହି ସମୟରେ ଶିକ୍ଷାଦାନ କରୁଥିବା ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ଆଚାର୍ଯ୍ୟ, ଶଶାଙ୍କ ଶେଖର ମଲ୍ଲିକ, ରଜନୀ କାନ୍ତ ମହାନ୍ତ, ମନୋରଞ୍ଜନ ମହାନ୍ତ, ବଶିଷ୍ଠ କୁମାର ବେହେରା ଏବଂ ବର୍ତ୍ତମାନ ବିଦ୍ୟାଳୟ କାର୍ଯ୍ୟରତ କରମେନ୍ଦ୍ର ମହାନ୍ତ, ଶିକ୍ଷକ ଅରୁଣ କୁମାର ବେହେରାଙ୍କୁ ଉତ୍ତରୀୟ ଓ ଫୁଲତଡା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ମସିହାରେ ମୋଟ ୯୩ ଜଣ ପାଠ ପଢୁଥିବା ବେଳେ ୬୦ ଜଣ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତେ ସୁଖ ଦୁଃଖରେ ସାମିଲ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ସେହି ବ୍ୟାଚର ଛାତ୍ର ଅମରେନ୍ଦ୍ର ସିଂହବାବୁ, ମାନକା ମାରାଣ୍ଡି, ସୁସେନ ବେହେରା, ଜ୍ୟୋତିପ୍ରକାଶ ଦାସ, ପ୍ରଦୀପ ବେହେରା ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# 'ଫ୍ୟୁଚର ଷ୍ଟାର' ମହିଳା ଦଳ ଚାମ୍ପିୟନ

## ରାଜ୍ୟସ୍ତରୀୟ ରଗବୀ ପ୍ରତିଯୋଗିତା

ବାରିପଦା,୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ମାସ ୧୬ ଓ ୧୭ ତାରିଖ କେନ୍ଦୁଝରର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆନ୍ତଃଜିଲା ବରିଷ୍ଠ ରଗବୀ ୭ ଏସ ପ୍ରତିଯୋଗିତା- ୨୦୨୬ରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଏକ ଚିତ୍ତାକର୍ଷକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇନାଲ ମ୍ୟାଚରେ ଶକ୍ତିଶାଳୀ 'କିସ' ଦଳକୁ ୧୨-୧୦ ପଏଣ୍ଟରେ ପରାସ୍ତ କରି ଏକାଡେମୀ ଇତିହାସ ରଚିଛି। ପୂର୍ବରୁ ଦଳ ବାଲେଶ୍ୱରକୁ ୫୨-୦୦, କେନ୍ଦ୍ରାପଡାକୁ ୫୯-୦୦, ଜଗତସିଂହପୁରକୁ ୪୫-୦୦ ଏବଂ ସେମି ଫାଇନାଲରେ ମୟୂରଭଞ୍ଜକୁ ୨୬-୦୦ ବ୍ୟବଧାନରେ ପରାସ୍ତ କରି ନିଜର ଦବଦବା ବଜାୟ ରଖିଥିଲା। ଏହା ସହିତ ଏକାଡେମୀର ପୁରୁଷ ଦଳ ମଧ୍ୟ କ୍ୱାର୍ଟର ଫାଇନାଲରେ ସାହସିକତାର ସହ ଲଢି ସମସ୍ତଙ୍କର ପ୍ରଶଂସା ସାଉଁଟିଛନ୍ତି। ଏହି ଅବସରରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ମୟୂରଭଞ୍ଜ ଜିଲା ରଗବୀ ଫୁଟବଲ ସଂଘର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ବିଶେଷ ଭାବେ ଧନ୍ୟବାଦ ଅର୍ପଣ କରାଯାଇଛି। ଖେଳାଳିମାନଙ୍କର ଏହି କଠିନ ପରିଶ୍ରମ ଓ ସମର୍ପଣ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୨।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ୨୨୦ ନଂ. ଜାତୀୟ ରାଜପଥର ବାସିଙ୍ଗିଠାରେ ରବିବାର ଏକ ଦୁର୍ଘଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ବହଳଦା ଥାନା ବାନାଡୁଙ୍ଗୁରୀ ଗ୍ରାମର ଜଗନ୍ନାଥ ମହାନ୍ତ(୩୫)। ଗୁରୁତର ସାଇକେଲ ଚାଳକ ବାସିଙ୍ଗି ଗ୍ରାମର ସୁରେଶ ରାଜ ଚିକିତ୍ସାପାଇଁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି। ରାତି ୭ଟା ସମୟରେ ସାଇକେଲ ଓ ବାଇକ୍ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା।

# ସରିଲା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ



ବାରିପଦା,୨୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଶହୀଦ ସ୍ମୃତି ଭବନରେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେଶନ ଆନୁକୂଲ୍ୟରେ ତଥା ଏନ୍‌ଏଫ୍‌ଡିସିର ସହଯୋଗରେ ଆୟୋଜିତ ୭ମ ବାର୍ଷିକ ବାରିପଦା ରାଷ୍ଟ୍ରୀୟ ଆଦିବାସୀ ଲଘୁ ଫିଲ୍ମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ଫାୟାର ଅନ ଏଜ (ଆସାମ), ୨ୟ ଶ୍ରେଷ୍ଠ ଭାବେ ଗୋଟ, ଫିସ, ସ୍ନେକ ସ୍ପେରୋ (ପଶ୍ଚିମବଙ୍ଗ), ୩ୟ ଶ୍ରେଷ୍ଠ ଭାବେ ଧୀରଜ କଶ୍ୟପ ମୋଲାଇ (ଆସାମ) ଓ ଦି ଆର୍ଟ ଅଫ ବାବଯୋଲା (ଓଡ଼ିଶା)କୁ ସ୍ୱତନ୍ତ୍ର ପୁରସ୍କାର ଏବଂ ସୁଜିତ ଦେବ ବର୍ମା (ଆସାମ) ଶ୍ରେଷ୍ଠ ନିର୍ଦ୍ଦେଶକ, ଫାଲ୍‌ଗୁନୀ ଭକ୍ତା (ପଶ୍ଚିମବଙ୍ଗ) ଶ୍ରେଷ୍ଠ ମହିଳା ପ୍ରଯୋଜିକା ଓ ନିର୍ଦ୍ଦେଶିକା ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଲଘୁ ଚଳଚ୍ଚିତ୍ର ଭାବେ ପୁଇସେ ଦାରେ (ଓଡ଼ିଶା), ୨ୟ ଶ୍ରେଷ୍ଠ ଭାବେ କାଚିଚିଣ୍ଡୁ (ଆସାମ), ୩ୟ ଶ୍ରେଷ୍ଠ ଢ଼ିଧା (ଓଡ଼ିଶା) ଓ ବ୍ରେକିଙ୍ଗ ବେରିୟାର (ଓଡ଼ିଶା) ଏବଂ ଶ୍ୟାମ ସୁନ୍ଦର ମୁର୍ମୁ (ଓଡ଼ିଶା) ଶ୍ରେଷ୍ଠ ଅଭିନେତା, ଖୁସି ଟୁଡୁ (ଓଡ଼ିଶା) ଶ୍ରେଷ୍ଠ ଅଭିନେତ୍ରୀ, କାହ୍ନୁ କିଓସ୍କ (ଓଡ଼ିଶା) ଶ୍ରେଷ୍ଠ ଶିଶୁ କଳାକାର, ରମେଶ କୁମାର ହେମ୍ବ୍ରମ (ଓଡ଼ିଶା) ଶ୍ରେଷ୍ଠ ନିର୍ଦ୍ଦେଶକ, ରାଜେଶ କୁମାର ମୁର୍ମୁ (ଓଡ଼ିଶା) ଶ୍ରେଷ୍ଠ ଏଡିଟର ଓ ସିନେମାଟୋଗ୍ରାଫର, ରାଜମୋହନ ସୋରେନ (ଓଡ଼ିଶା)ଙ୍କ ହେଣ୍ଡେ ସୋନା ଶ୍ରେଷ୍ଠ କାହାଣୀ, କାହ୍ନୁ ଟୁଡୁ (ଓଡ଼ିଶା) ଶ୍ରେଷ୍ଠ ଶବ୍ଦ ସଂଯୋଜକ ଭାବେ ପୁରସ୍କୃତ ହୋଇଛନ୍ତି। ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟ ପୃଷ୍ଠପୋଷକ ସରୋଜିନୀ ହେମ୍ବ୍ରମ ପୁରସ୍କାର ବିତରଣ କରିଥିଲେ। ପାୱାର ଫାଇନାନ୍ସ କର୍ପୋରେଶନ ଲିମିଟେଡ୍‌ର ପୂର୍ବତନ ସିଜିଏମ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ସିନେମା ପ୍ରଯୋଜକ ପୂର୍ଣ୍ଣିମା ଟୁଡୁ, ସାମାଜିକ କର୍ମୀ ଫୁଲମଣୀ ହେମ୍ବ୍ରମ, ବିଶିଷ୍ଟ ବ୍ୟବସାୟୀ ଦିଘୀ ମୁର୍ମୁ ମାର୍ଣ୍ଣି, ସିଡିପିଓ ବିଟୁ ଟୁଡୁ, କାହ୍ନାଇ ଚରଣ ଟୁଡୁ, ଜୁରୀ ସଦସ୍ୟ ମାନସିଂ ମାଝୀ, ଡ. ରାମଚନ୍ଦ୍ର ମୁର୍ମୁ, ଦୀପକ ସୋରେନ, କାନ୍ଦନ ମାଝୀ, ନିହାରିକା ସୋରେନ, ସ୍ନେହା ମୁଣ୍ଡାରୀ, କ୍ରିଷ୍ଟା ସୋରେନ ଓ ନିରଞ୍ଜନ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ଦୀପକ ବେଶ୍ରା ଧନ୍ୟବାଦ ଦେଇଥିଲେ। ୨ୟ ଦିନରେ ୭ ଲଘୁ ସିନେମା ଓ ୫ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିବା ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କହିଛନ୍ତି। ସୁମୀ ହାଁସଦା ବେଶ୍ରା, ସତ୍ୟନାରାୟଣ ହେମ୍ବ୍ରମ, ସୁମାଳି ମୁର୍ମୁ ହେମ୍ବ୍ରମ, ଅର୍ଜୁନ ସୋରେନ, ଲକ୍ଷ୍ମୀ ମୁର୍ମୁ, ଦେବାଶିଷ ପ୍ରତିହାରୀ ଓ ପାଲୁ ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାନକିଣାରେ ମୟୂରଭଞ୍ଜର ରେକର୍ଡ

- କିଣା ହେଲାଣି ୨୬.୪୨ଲକ୍ଷ କୁଇଣ୍ଟାଲ ଧାନ
- ତଥାପି ୧୨.୫୯୨ହଜାର ଚାଷୀ ବଞ୍ଚିତ
- ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବ: ଜିଲାପାଳ

ବାରିପଦା,୨୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଧାନକିଣା ଯାଇଛି। ଲକ୍ଷ୍ୟ ଧାର୍ଯ୍ୟଠାରୁ ସର୍ବକାଳୀନ ରେକର୍ଡ ପରିମାଣର ଧାନ କିଣା ହୋଇଥିଲେ ମଧ୍ୟ ଅନେକ ଚାଷୀ ଟୋକନ ପାଇ ଧାନ ବିକ୍ରି କରିପାରୁ ନାହାନ୍ତି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଟୋକନ ବିଭ୍ରାଟ ଓ ବେଆଇନ ଅର୍ଥ ଆଦାୟ ଅଭିଯୋଗ ଦର୍ଶାଇ କୃଷକ ସଂଗଠନ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏନେଇ ଜିଲାପାଳ ହେମକାନ୍ତ ସୟ ଧାନକିଣା ଅବଧି ବୃଦ୍ଧି ସହିତ ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି କହିଛନ୍ତି।

ରାଜ୍ୟରେ ନୂତନ ଭାଜପା ସରକାର ଗଠନ ପରେ ଚାଷୀଙ୍କୁ ଅଧିକ ଲାଭାନ୍ୱିତ କରିବା ପାଇଁ ଇନପୁଟ ସବସିଡି ବୃଦ୍ଧି କରାଯିବା ପରେ ମୟୂରଭଞ୍ଜ ଜିଲାରେ ତାର ପ୍ରଭାବ ଦେଖିବାକୁ ମିଳିଛି। ଏପରିକି ଧାନ ବିକିବା ପାଇଁ ଚାଷୀମାନଙ୍କ ମଧ୍ୟରେ ତତ୍ପରତା ବୃଦ୍ଧି ପାଇଛି। ଅଦ୍ୟାବଧି ଜିଲାର ୭୧ହଜାର ୨୨୮ଚାଷୀଙ୍କ ପାଖରୁ ମୋଟ ୨୬ଲକ୍ଷ ୪୨ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଯାହାକି ଗତବର୍ଷ ତୁଳନାରେ ପାଖାପାଖି ୪ ଲକ୍ଷ କୁଇଣ୍ଟାଲ ଧାନ ଅଧିକ କିଣା ଯାଇଥିବା ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଜିଲାରୁ ୨୨ଲକ୍ଷ ୩୫ କୁଇଣ୍ଟାଲ ଧାନ କିଣା ଯାଇଥିଲା। ବିକ୍ରି ଯୋଗ୍ୟ ଧାନ ଚାଷୀଙ୍କ ପାଖରେ ରହିଥିବାରୁ ଧାନ କିଣା ଧାର୍ଯ୍ୟ ଲକ୍ଷ୍ୟ ବର୍ତ୍ତମାନ ୨୭ ଲକ୍ଷ ୫୭ହଜାର ୮୦କୁଇଣ୍ଟାଲ ରଖାଯାଇଛି। ଜିଲାର ମୋଟ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୮୩ ହଜାର ୮୨୦ ଥିବା ବେଳେ ୭୦ହଜାର ୫୦୦ଜଣ ବିକ୍ରି କରିଛନ୍ତି। ଆହୁରି ୧୨ହଜାର ୫୯୨ଜଣ ଚାଷୀ ଟୋକନ ପାଇ ଧାନ ବିକ୍ରି କରିନାହାନ୍ତି। ତେବେ ଆବଶ୍ୟକ ଅନୁସାରେ ଧାନ କିଣା ବୃଦ୍ଧି କରାଯିବା ମଧ୍ୟ ସମ୍ଭାବନା ରହିଥିବା ବେଳେ ଧାନ କ୍ରୟ ପ୍ରକ୍ରିୟା ଏବେ ଜିଲାରେ ନୂଆ ରେକର୍ଡ ସୃଷ୍ଟି କରିଛି। ଜିଲାର ବିଭିନ୍ନ ମଣ୍ଡିରେ ଏବେବି କଟନିଛଟନି ଓ ପ୍ରଶାସନିକ ଅବହେଳାକୁ ନେଇ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି।

ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲରଙ୍କ ସହ ସଲାସୁତୁରା କରି ମଣ୍ଡିଗୁଡିକରେ ୮ରୁ ୧୦ କେଜି ପର୍ଯ୍ୟନ୍ତ କଟନିଛଟନି କରାଯାଉଛି। ଏଫଏକ୍ୟୁ ମାନଦଣ୍ଡ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଠିକ ସମୟରେ ଟୋକନ ନ ଆସିବା, କମ ପରିମାଣର ଟୋକନ ମିଳିବା ଏବଂ ଗାଡ଼ିଲୋଡିଂ ନାଁରେ ବେଆଇନ ଅର୍ଥ ଆଦାୟ ହେଉଥିବା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଧାନକିଣା ଅବଧି ଶେଷ ହେବାକୁ ଯାଉଥିଲେ ସୁଦ୍ଧା ଅନେକ ସ୍ଥାନରେ ଟାର୍ଗେଟ ନ ଥିବାରୁ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଚାଷୀଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ ବୋଲି କୃଷକ ନେତା ରବୀନ୍ଦ୍ର କୁମାର ଶତପଥୀ ଓ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଭାପତି ପ୍ରାଣବନ୍ଧୁ ପଲେଇ ଅଭିଯୋଗ କରିଛନ୍ତି। ଲ୍ୟାମ୍ପସ୍ ଗୁଡ଼ିକ ଧାନ କିଣୁ ନ ଥିବା ଦର୍ଶାଇ ବାସିପିଠା, ସାନକେରକୋ ଓ ଚାନ୍ଦୁଆ ଆଦି ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ଦୁଇଗୁଣା ଧାନ କିଣା ସରିଥିଲେ ମଧ୍ୟ ଏବେବି ଧାନ ବିକ୍ରି କରିବାକୁ ଅପେକ୍ଷାରତ ଚାଷୀଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ମିଲରଙ୍କ ପାଖରେ ଜାଗା ଅଭାବ ଥିବାରୁ ଆରଏମ୍‌ସି ଓ ଲ୍ୟାମ୍ପସ ଗୋଦାମ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଜିଲାରେ ଧାନକିଣା ସୁରୁଖୁରୁରେ ଚାଲିଛି। ଟୋକନ ଅବଧିକୁ ୧ ମାସ କୋହଳ କରାଯିବା ସହ ସରକାର ଅଧିକ ୧୫ ଦିନ ସମୟ ଦେଇଛନ୍ତି। କୌଣସି ମଣ୍ଡି ବନ୍ଦ କରାଯାଇନାହିଁ, ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ଜିଲାପାଳ କହିଛନ୍ତି।

